ଆଜି - ଶୁକ୍ରବାର
ତାରିଖ - ୨୮ ଅଗଷ୍ଟ ୨୦୨୬
ମାସ - ସିଂହ, ଦିନ - ୧୨
ତିଥି - ପୂର୍ଣ୍ଣିମା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଶତଭିଷା, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୩ : ୦୦
ସୂର୍ଯ୍ୟାସ୍ତ - ୬ : ୦୨ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସମ୍ପୃକ୍ତି ବିନା ସଫଳତା ମିଳେନାହିଁ । କୌଣସି କାର୍ଯ୍ୟରେ ସମ୍ପୃକ୍ତ ରହିଲେ ବିଫଳ ହେବାର ସମ୍ଭାବନା କ୍ଷୀଣ ।"
- ଡ. ଏପିଜେ ଅବ୍ଦୁଲ୍ କଲାମ୍


E-News : www.Ajikali epaper.com

Vol.- 41 ISSUE- 135 R.N.I. REGD. No. 44026/86 ବାଲେଶ୍ୱର ୨୮ ଅଗଷ୍ଟ ୨୦୨୬ ଶୁକ୍ରବାର BALASORE 28 AUGUST 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଖେଲୋ ଇଣ୍ଡିଆ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଖେଲୋ ଇଣ୍ଡିଆ ମତବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଏପରି ଏକ ଚମତ୍କାର କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆୟୋଜକ, କେନ୍ଦ୍ର କ୍ୟାବିନେଟ ସଦସ୍ୟ, ମୁଖ୍ୟମନ୍ତ୍ରୀ ଏବଂ ଲକ୍ଷ ଲକ୍ଷ ମାଇ ଭାରତ ସ୍ୱେଚ୍ଛାସେବୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଅଗଷ୍ଟ ୨୯ ତାରିଖରେ ହେବାକୁ ଥିବା ଜାତୀୟ କ୍ରୀଡା ଦିବସ ବିଷୟରେ ଉଲ୍ଲେଖ କରି, ସେ ଯୁବପିଢ଼ି ଏବଂ ଦେଶର ସମଗ୍ର କ୍ରୀଡା ଜଗତକୁ ଆଗୁଆ ଶୁଭେଚ୍ଛା ଜଣାଇଛନ୍ତି । ଏହି ଦିବସରେ ଭାରତ ମାତାର ମହାନ ସନ୍ତାନ ମେଜର ଧ୍ୟାନ ଚାନ୍ଦ ଜୀଙ୍କୁ ସ୍ମରଣ କରାଯାଏ ବୋଲି ଶ୍ରୀ ମୋଦୀ କହିଥିଲେ । ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଭାରତୀୟ ସେନା ହକି ଦଳର ନ୍ୟୁଜିଲାଣ୍ଡକୁ ଐତିହାସିକ ଗସ୍ତକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ । ଦ୍ୱିପାକ୍ଷିକ କ୍ରୀଡା ସମ୍ପର୍କ ସ୍ଥାପନରେ ମେଜର ଧ୍ୟାନ ଚାନ୍ଦଙ୍କ ଅଗ୍ରଣୀ ଭୂମିକା ଉପରେ ସେ ଆଲୋକପାତ କରିଥିଲେ । ତାଙ୍କର ସାମ୍ପ୍ରତିକ ନ୍ୟୁଜିଲାଣ୍ଡ ଗସ୍ତ ବିଷୟରେ ଅବତାରଣା କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହି ଗସ୍ତରେ ତାଙ୍କୁ କିମ୍ବଦନ୍ତୀ ଖେଳାଳୀଙ୍କ ସ୍ମୃତିଚାରଣ ପାଇଁ ସୁଯୋଗ ମିଳିଥିଲା । ଏହି ଐତିହାସିକ ସମ୍ପର୍କକୁ ସମୃଦ୍ଧ କରିବା ପାଇଁ ଦେଶର ନିରନ୍ତର ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମେଜର ଧ୍ୟାନ ଚାନ୍ଦ ଯେଉଁ ସମ୍ପର୍କର ମୂଳଦୁଆ ପକାଇଥିଲେ, ଆଜି ଭାରତ ସେହି ସମ୍ପର୍କର ସମୃଦ୍ଧି ପାଇଁ ନିରନ୍ତର କାର୍ଯ୍ୟ କରୁଛି ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଯେଉଁ କ୍ରୀଡା ଦୃଷ୍ଟିକୋଣ ଉନ୍ମୋଚନ କରିଥିଲେ ତାହା ଉପରେ ମତ ରଖି ସେ କହିଥିଲେ, କ୍ରୀଡାର ମୂଲ୍ୟ କେବଳ ପଦକ ଜିତିବାଠାରୁ ବହୁ ଊର୍ଦ୍ଧ୍ୱରେ । ସେ କ୍ରୀଡାକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଭାବରେ ବର୍ଣ୍ଣନା କରିଥିଲେ ଯାହା ଦ୍ୱାରା ଦେଶର କ୍ରୀଡାବିତ୍ ଏବଂ ଯୁବ ଶକ୍ତିକୁ ଏକ ବିକଶିତ ଭାରତ ଗଠନ ଦିଗରେ ସୁଗମ ଭାବରେ ନିୟୋଜିତ କରାଯାଇପାରିବ । "ମୁଁ ସବୁବେଳେ କହିଆସିଛି, ଯେଉଁମାନେ ଖେଳନ୍ତି, ସେମାନେ ପ୍ରସ୍ଫୁଟିତ ହୋଇଥା'ନ୍ତି," ଶ୍ରୀ ମୋଦୀ କହିଥିଲେ । ଖେଳ ଜଗତରେ ସଫଳତାର ବ୍ୟାପକ ପରିଭାଷା ଉପରେ ବିସ୍ତାର ପୂର୍ବକ ବୁଝାଇ ପ୍ରଧାନମନ୍ତ୍ରୀ କହିଥିଲେ, ଖେଳରେ ମିଳୁଥିବା ଉପଲବ୍ଧି ଦ୍ୱାରା ମଣିଷର ବ୍ୟକ୍ତିତ୍ୱ ବିକାଶ ହୋଇଥାଏ, ପାରିବାରିକ ଗୌରବ ବୃଦ୍ଧି ପାଏ ଏବଂ ଜାତୀୟ ଗୌରବ ମିଳେ । ସେ କହିଥିଲେ, ଯେକୌଣସି ଖେଳାଳୀଙ୍କ ସଫଳତା ବଳରେ ତାଙ୍କର ବିଦ୍ୟାଳୟ, ଜିଲ୍ଲା ଏବଂ ରାଜ୍ୟର ନାମ ଉଜ୍ଜ୍ୱଳ ହୁଏ । ସ୍ଥାନୀୟ ଅଂଚଳ ବିଶ୍ୱ ମାନଚିତ୍ରରେ ଲୋକଲୋଚନକୁ ଆସିଥାଏ । ଶ୍ରୀ ମୋଦୀ କହିଥିଲେ, "ପ୍ରତ୍ୟେକ ଜିଲ୍ଲାରେ ବିଶ୍ୱସ୍ତରୀୟ ଖେଳ ମାନଚିତ୍ରରେ ନିଜ ଛାପ ଛାଡ଼ିବାର କ୍ଷମତା ରହିଛି । ଏହି ଅପାର କ୍ଷମତାକୁ ଉପଯୋଗ ଆମକୁ ଏହି ମତବିନିମୟ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଲାଗି ହେବ ।

## ଆଜି ମିଳିବ ସୁଭଦ୍ରା ଯୋଜନାର ୫ମ କିସ୍ତି

# ନୟାଗଡ଼ରୁ ସୁଭଦ୍ରା ଟଙ୍କା ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଆସନ୍ତାକାଲି ମିଳିବ ସୁଭଦ୍ରାର ୫ମ କିସ୍ତି । ନୟାଗଡ଼ରୁ ସୁଭଦ୍ରାର ପଂଚମ କିସ୍ତି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଟଙ୍କା ପ୍ରଦାନ କରିବେ । ପ୍ରାୟ ୧କୋଟି ୦୧ ଲକ୍ଷ ୯୯ ହଜାର ୧୧୯ ମହିଳାଙ୍କ ଖାତାକୁ ଯିବ ପଂଚମ କିସ୍ତିର ପାଂଚ ହଜାର ଟଙ୍କା । ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆସନ୍ତାକାଲି ସୁଭଦ୍ରାର ପଂଚମ କିସ୍ତି ଦେବେ ସରକାର । ଏଯାଏଁ ଚାରୋଟି କିସ୍ତିରେ ୧ କୋଟିରୁ ଅଧିକ ମହିଳାଙ୍କ ଖାତାକୁ ଯାଇଛି ୨୦ ହଜାର ୬୪୮ କୋଟି ୬୩ ଲକ୍ଷ ଟଙ୍କା । ଉପମୁଖ୍ୟମନ୍ତ୍ରୀଙ୍କ ଅନୁଯାୟୀ, ସୁଭଦ୍ରା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ଚାରିଟି କିସ୍ତିରେ ପ୍ରାୟ ୨୦,୬୦୦ କୋଟି ମହିଳାମାନଙ୍କ ଆକାଉଂଟକୁ ସ୍ଥାନାନ୍ତର କରାଯାଇଛି । ପ୍ରାୟ ୧.୦୨ କୋଟି ମହିଳା କେବଳ ଚତୁର୍ଥ କିସ୍ତିର ଲାଭ ପାଇଛନ୍ତି । ପଂଚମ କିସ୍ତିକୁ ଅଗଷ୍ଟ ୨୮ ତାରିଖରେ ଯୋଗ୍ୟ ମହିଳାମାନଙ୍କ ବ୍ୟାଙ୍କ ଆକାଉଂଟକୁ ସ୍ଥାନାନ୍ତର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଓଡ଼ିଶା ସରକାରଙ୍କ ଏହି ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ମହିଳା ସିଧାସଳଖ ଲାଭ ହସ୍ତାନ୍ତର ମାଧ୍ୟମରେ ୫,୦୦୦ ଟଙ୍କା ପାଉଛନ୍ତି । ୨୦୨୪ ମସିହା ସେପ୍ଟେମ୍ବର ୧୭ ତାରିଖରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ପାଂଚ ବର୍ଷ ପାଇଁ ଦୁଇଟି କିସ୍ତିରେ- ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ପାଖାପାଖି ବାର୍ଷିକ ୧୦,୦୦୦ ଟଙ୍କା ପ୍ରଦାନ କରାଯାଏ, ଯାହା ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ମୋଟ ୫୦,୦୦୦ ଟଙ୍କା । ଓଡ଼ିଶା ସରକାର ୨୦୨୬-୨୭ ବଜେଟରେ ଏହି ଯୋଜନା ପାଇଁ ୧୦,୧୪୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯେଉଁଥିରେ ପ୍ରଥମ ୪ଟି କିସ୍ତି ମାଧ୍ୟମରେ ୨୦,୬୪୮ କୋଟି ଟଙ୍କାରୁ ଅଧିକ ୧ କୋଟିରୁ ଅଧିକ ମହିଳାଙ୍କୁ ହସ୍ତାନ୍ତର କରାଯାଇସାରିଛି । ଏହି ପଦକ୍ଷେପ ମହିଳା ସଶକ୍ତିକରଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ତେବେ ସବୁଠୁ ବଡ଼ କଥା ହେଉଛି, ଯେଉଁମାନେ ଜମାରୁ ସୁଭଦ୍ରା ଟଙ୍କା ପାଇନାହାନ୍ତି ବା ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତାକାଲି ଏକାଥରେ ୫ଟି କିସ୍ତିର ୨୫,୦୦୦ ଟଙ୍କା ମିଳିବ ।








# ସାମାଜିକ ସଂଗଠନ 'ମାସ୍' ପକ୍ଷରୁ ପାଳିତ ହେଲା ପ୍ରାକ୍ ରକ୍ଷାବନ୍ଧନ



ବାଲେଶ୍ୱର,(ନି.ପ୍ର.): ପ୍ରତିଟି ପିଲା ପାଖରେ ପ୍ରତିଭା ଏବଂ ଆଗକୁ ବଢିବାର କ୍ଷମତା ଭରପୂର ଥାଏ। ଅନୁକୂଳ ପରିବେଶ, ପରିସ୍ଥିତି ତଥା ଉପଯୁକ୍ତ ଲାଳନପାଳନ ଓ ସୁଯୋଗର ସୁବ୍ୟବସ୍ଥା ଅନୁସାରେ ହିଁ ଜଣେ ଆଗକୁ ଯିବାରେ ସମର୍ଥ ହୋଇଥାଏ। ବାପାମାଆଙ୍କର ଭୂମିକା ମଧ୍ୟ ଏ କ୍ଷେତ୍ରରେ କିଛି କମ ନଥାଏ ବୋଲି ଆମେରିକାର 'କ୍ରେଡିଟ ୱାନ ବ୍ୟାଙ୍କ'ରେ ଆସିଷ୍ଟାଂଟ ଭାଇସ ପ୍ରେସିଡେଂଟ ଭାବରେ ଅବସ୍ଥାପିତ ନୀଳଗିରିର ଡକ୍ଟର ବିବେକାନନ୍ଦ ମିଶ୍ର ତାଙ୍କୁ ପ୍ରଦତ ସମ୍ବର୍ଦ୍ଧନାର ଉତରରେ କହିଛନ୍ତି ।ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଙ୍ଗଠନ 'ମାନବ ଅଧିକାର ସୁରକ୍ଷା ସଂସଦ' ବା 'ମାସ୍' ଦ୍ୱାରା ସ୍ଥାନୀୟ ଆତିଥ୍ୟ ଭବନ ଠାରେ ଅନୁଷ୍ଠିତ 'ପ୍ରାକ୍ ରକ୍ଷା ବନ୍ଧନ ଉତ୍ସବ ' ପାଳନ ଅବସରରେ ବିଶିଷ୍ଟ ଆଇନଜୀବୀ ଜ୍ଞାନ ମିଶ୍ର ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବନିତା ମିଶ୍ରଙ୍କ ପୁତ୍ର ଡକ୍ଟର ବିବେକାନନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ସେ ବାଲେଶ୍ୱର ଫକୀମୋହନ କଲେଜରୁ ଯୁକ୍ତ ଦୁଇ, ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଷ୍ଟାଟିଷ୍ଟିକାଲ୍ ଇନଷ୍ଟିଚ୍ୟୁଟରୁ ସ୍ନାତକ, ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ୱାରୱିକରୁ ବିଜ୍ଞାନରେ ସ୍ନାତକୋତର ଉପାଧି ଓ ୟୁନିଭର୍ସିଟି ଅଫ କ୍ୟାନସାସରୁ ପିଏଚଡି ଡିଗ୍ରୀ ଲାଭ କରିବାର ବିରଳ ସୁଯୋଗ ପ୍ରାପ୍ତ ହୋଇଥିବା ଡକ୍ଟର ମିଶ୍ର ପରବର୍ତୀ ସମୟରେ ଆମେରିକାର ଅନ୍ୟତମ ଅଗ୍ରଣୀ ବ୍ୟାଙ୍କ କ୍ରେଡିଟ ବ୍ୟାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବାରେ ପ୍ରଥମ ଓଡିଆ । ସଂଗଠନର ସଭାପତି ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କବି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ ବାଲେଶ୍ୱର ସିଡବ୍ଲ୍ୟୁସି ସଦସ୍ୟ ସମାଜସେବୀ ଯାଦବେଶ ମିଶ୍ର । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୋଗ ଦେଇଥିଲେ ସଂଗଠନର ସଂପାଦକ ଦେବାଶିଷ ପଣ୍ଡା, ଆଡଭୋକେଟ୍ ଜ୍ଞାନରଞ୍ଜନ ମିଶ୍ର, ବନିତା ମିଶ୍ର, ବିଦ୍ୟାଧର ନାୟକ, ଅଭିନେତା ଦେବ୍, ବିଜୟ ଦାସ ଅଧିକାରୀ, ସର୍ବେଶ୍ୱର ଜେନା, ମଞ୍ଜୁଲତା ବଳ, ପ୍ରଣିତା ମିଶ୍ର, ହରିପଦ ଭୂୟାଁ, ସିଦ୍ଧେଶ୍ୱର ବିନ୍ଧାଣୀ, ମିନତୀ ସେଠୀ, ଆଶ୍ରିତା ତରେଇ, ଚିତରଞ୍ଜନ ଦାସ, ଅର୍ଚ୍ଚନା ନନ୍ଦୀ, ବିଜୟ ଆଚାର୍ଯ୍ୟ, ରବୀନ୍ଦ୍ର ଦାଶ, ରବୀନ୍ଦ୍ର ଗିରି, ସତ୍ୟ ନାୟକ, ପ୍ରଦ୍ୟୁମ୍ନ ନାୟକ, ମାନସ ରଥ, ପ୍ରବୀର କମିଳା, ଅଞ୍ଜୁଲତା ବଳ, ଦେବବ୍ରତ କର, ଲଳିତ ମୋହନ ଦାସ, ଦେବାଶିଷ ସିଂହ, ତୃପ୍ତି ପାତ୍ର, ପ୍ରଶାନ୍ତ କୁମାର ଦାସ, ଜଳଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ରାବଣେଶ୍ୱର ଠାରେ ବୁଢ଼ାବଳଙ୍ଗ କୂଳ ଆରଡି ରାସ୍ତା ବିପଦ ସଂକୁଳ

ବାଲେଶ୍ୱର(ନି.ପ୍ର.)ଚଳିତ ବନ୍ୟା ରେ କଲ୍ୟାଣ ପୁର ପଂଚାୟତ ର ପାଳସିଆ ନିକଟରେ ଥିବା ରାବଣେ ଶ୍ୱର ଠାରେ ବୁଢ଼ା ବଳ ଙ୍ଗ ନଦୀ କୂଳ ପାଣି ସ୍ରୋତରେ ଅତଡ଼ା ଖାଇ ଆର ଡି ରାସ୍ତା ଧସି ଯାଇଥିବାରୁ ଗମନା ଗମନ ବାଧା ପ୍ରାପ୍ତି ହୋଇଛି. ଗତ ୨୦୧୩ ମସିହା ରେ ଏହି ଠାରେ ରାସ୍ତା ଧସି ଯାଇଥିଲା. ବିଭାଗୀୟ ଅଧିକାରୀ କାମ ଚଳା ମରାମତି କରିଥିଲେ. ଏହି ରାସ୍ତା ବଡ଼ପାଳ, ପଂଚାୟତ, ରେମୁଣା ବ୍ଲକ ଓ ମୟୁରଭଞ୍ଜ କୁ ଗମନାଗମନ ପାଇଁ ମୁଖ୍ୟ ରାସ୍ତା. ରାସ୍ତା ରେ ଦୁଇ ଚକିଆ ପାଇଁ ବିପଦ ଥିବା ବେଳେ ଚାରି ଚକିଆ ଜୀବନାହିଁ.ଗାଡ଼ିରୁ ପଡିଗଲେ ସିଧା ବଳ ଙ୍ଗ ନଦୀ ଗର୍ଭ ରେ ପଡିବେ. ସ୍ଥାନୀୟ ଲୋକେ ଭୟ ଭୀତ ହୋଇ ରହିଛନ୍ତି.ସ୍ଥାନୀୟ ଜନସାଧାରଣ ଙ୍କ ଠାରୁ ଖବର ପାଇ ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ରାବଣେ ଶ୍ୱର ଠାରେ ଥିବା ଆଦିବାସୀ ସାହିର ବନ୍ୟା କ୍ଷତି ଗ୍ରସ୍ତ ଲୋକଙ୍କୁ ଭେଟି ବିଭିନ୍ନ ସମସ୍ୟା ଶୁଣିବା ସହିତ ଶୁଖିଲା ଖାଦ୍ୟ ବଂଟନ କରିଥିଲେ. ପଂଚାୟତ ର ସମାଜସେବୀ ସୃଷ୍ଟିଧର ପଢ଼ିଆରୀ, ଲମ୍ବୋଦର ମହାନ୍ତି, ମନୋରଞ୍ଜନ ସିଂହ ଓ ଗୁରା ସିଂହ ଙ୍କ ସହିତ ବହୁ ଯୁବକ, ମହିଳା ଓ ବୟସ୍କ ବ୍ୟକ୍ତି ମାନେ ଉପସ୍ଥିତ ରହି ରାସ୍ତା ର ସ୍ଥାୟୀ ପ୍ରତିକାର, ନଦୀ ତଳୁ କଂକ୍ରିଟ ପ୍ରାଚୀର ନିର୍ମାଣ, ବନ୍ୟା କ୍ଷତିଗ୍ରସ୍ତ ଙ୍କୁ ସରକାରୀ ସହାୟତା ପାଇଁ ଦାବୀ ଜଣାଇଥିଲେ. ଜଳସେଚନ ବିଭାଗ ଓ ଆର ଡି ବିଭାଗ ତୁରନ୍ତ ରାସ୍ତା ମରାମତି ସହିତ ବର୍ଷା ଋତୁ ପରେ ଉକ୍ତ ସ୍ଥାନରେ ଦୀର୍ଘ ମିଆଦି ରାସ୍ତା ନଦୀ ଶଯ୍ୟା ରୁ ନିର୍ମାଣ ପାଇଁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଦାବୀ କରିଛନ୍ତି. ଇଞ୍ଜିନିଅରିଙ୍ଗ ବିଭାଗ ରେ ବହୁ ଦକ୍ଷ ଅଧିକାରୀ ତଥା ଆଧୁନିକ ଜ୍ଞାନ କୌଶଳ ଥାଇ କିଭଳି ରାସ୍ତା ଟି ବାରମ୍ବାର ଧସି ଯାଉଛି ଯାହା ଫଳରେ ବହୁ ବ୍ୟକ୍ତି ଦୁର୍ଘଟଣା ର ଶିକାର ହେଉଛନ୍ତି ବୁଝା ପଡୁନାହିଁ ।



# ଅନାଥାଶ୍ରମରେ କୁନି କୁନି ପିଲାଙ୍କ ସହ ରାକ୍ଷୀ ପୂର୍ଣ୍ଣିମା ପାଳିଲା ବାଘାଯତୀନ ସଂଗଠନ



ବାଲେଶ୍ୱର(ନି.ପ୍ର.): ରାକ୍ଷୀ ପୂର୍ଣ୍ଣିମା ଅବସରରେ ମଥାନୀସ୍ଥିତ ମାଗୁଣିଚରଣ ଅନାଥାଶ୍ରମରେ ଏକ ନିଆରା ଢଙ୍ଗରେ ରାକ୍ଷୀ ପର୍ବ ପାଳନ କରିଛି ବାଘାଯତୀନ ସଂଗଠନ । ସଂଗଠନର ସଭାପତି ଗଣେଶ ଜେନାଙ୍କ ନେତୃତ୍ୱରେ କାର୍ତିକ ପରିଡା, କାର୍ତିକ ଶାନ୍ତରା, କାର୍ତିକ ପ୍ରଧାନ, ଗଜେନ୍ଦ୍ର ବେହେରା, ଗଜେନ୍ଦ୍ର ସାହୁ, ସର୍ବେଶ୍ୱର ଦାସ, ଦେବାଶିଷ ପଣ୍ଡା, ଈଶ୍ୱର ପତି, ସବିତା ରାଣୀ ଦାସ, କୈଳାଶ ଦାସ, ଦେବବ୍ରତ ପରିଡା, ସୁଶାନ୍ତ ଦାସ, ରାଜେନ୍ଦ୍ର ସାହୁ ଓ ବିକାଶ ଜେନା ପ୍ରମୁଖ ସଦସ୍ୟମାନେ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ ।ସଂଗଠନର ଭାଇ ଓ ଭଉଣୀମାନେ ଅନାଥାଶ୍ରମର କୁନି କୁନି ପିଲାଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ସେମାନଙ୍କୁ ମିଠା ଖୁଆଇଥିଲେ । ପିଲାମାନଙ୍କ ସହ କିଛି ସମୟ ହସଖୁସିରେ ବିତାଇବା ସହ ମଧ୍ୟାହ୍ନ ଭୋଜନର ମଧ ବ୍ୟବସ୍ଥା କରାଯାଇଥିଲା ।ପିଲାମାନେ ଭୋଜନ କରିସାରିବା ପରେ ସଂଗଠନର ସଦସ୍ୟମାନେ ମଧ ସେମାନଙ୍କ ସହ ଭୋଜନ କରିଥିଲେ । ଏହି ମିଳନ ଆଶ୍ରମର ପରିବେଶକୁ ହସ ଖୁସିରେ ଭରିଦେଇଥିଲା । ଏହି ନିଆରା ସେବା କାର୍ଯ୍ୟକୁ ଦେଖି ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଖୁସି ପ୍ରକାଶ କରିବା ସହ ବାଘାଯତୀନ ସଂଗଠନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ ।

# କେକେଏସ କଲେଜରେ ନିଶାମୁକ୍ତ ଯୁବସମାଜ କର୍ମଶାଳା

ବାଲେଶ୍ୱର,(ନିପ୍ର):କୁନ୍ତଳା କୁମାରୀ ସାବତମହିଳା ମହାବିଦ୍ୟାଳୟପରିସରରେ 'ଶକ୍ତିଶ୍ରୀ ସଶକ୍ତିକରଣକେନ୍ଦ୍ର' ପକ୍ଷରୁ ନିଶାମୁକ୍ତ ଯୁବ ସମାଜ ଗଠନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ.ଝାନ୍‌ସୀ ଜେନା ଏଥିରେ ଅଧକ୍ଷତା କରିବାସହ ଯୁବସମାଜକୁ ନିଶାକବଳରୁ ରକ୍ଷା କରିବା ଓ ସେମାନଙ୍କୁ ଦେଶ ଗଠନର ମୁଖ୍ୟଧାରାରେ ସାମିଲ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ରଖିଥିଲେ । ଶକ୍ତିଶ୍ରୀ ସଂଯୋଜିକା ଡ. ସସ୍ମିତାସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବିକେ ମିନତି, ଅନ୍ୟମାନଙ୍କ ମଧ୍ୟରେ ବିକେ ଶୁଭଶ୍ରୀ ଓ ବିକେ ଘନଶ୍ୟାମ ଯୋଗଦେଇ ନିଶା କିପରି ବ୍ୟକ୍ତିଗତ ଜୀବନ ଓ ପରିବାର ତଥା ସମାଜକୁ ଧ୍ୱଂସ କରୁଛି ବକ୍ତବ୍ୟ ରଖିଥିଲେ । ଅତିଥିମାନେ ମୋବାଇଲର ଅପବ୍ୟବହାର ସମ୍ପର୍କରେ କହିଥିଲେ । ଯୁବପିଢି ଆଧ୍ୟାତ୍ମିକ ବାଦରେ ବିଶ୍ୱାସ ରଖିବା ସହ ଧ୍ୟାନ କରିବାକୁ ସେକାନେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ କର୍ମଶାଳାରେ ସହଯୋଗ କରିଥିଲେ ।

# ଡ୍ରିମ୍ସ ଆଇଡିଆଲ ସ୍କୁଲରେ ପାଳିତ ହେଲା ରକ୍ଷା ବନ୍ଧନ ଉତ୍ସବ

ବାଲେଶ୍ୱର(ନି.ପ୍ର.)ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ପରିସରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ତରଫରୁ ଆମନ୍ତ୍ରିତ ଗଣମାଧ୍ୟମର ସାମ୍ବାଦିକ ଭାଇମାନେ ସ୍କୁଲ ପରିସରରେ ଉପସ୍ଥିତ ରହି ପିଲାମାନଙ୍କ ସହ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ । ବିଦ୍ୟାପୀଠର କୁନି କୁନି ପିଲାମାନେ ସାମ୍ବାଦିକ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି , ମିଷ୍ଟାନ୍ନ ଖୁଆଇ, ବନ୍ଦାପନା କରି ଭାଇମାନଙ୍କର ମଙ୍ଗଳ କାମନା କରିଥିଲେ । ତାପରେ ପିଲାମାନେ ଆଦର୍ଶ ଥାନା ସହଦେବ ଖୁଂଟା ରେ ପହଂଚି ପ୍ରଥମେ ଓଓଉ ଶ୍ରୀ ଆଲୋକ କୁମାର ବେହେରା ଙ୍କ ହାତରେ ରାକ୍ଷୀ ବାନ୍ଧି ସାରି ଥାନାର ଅନ୍ୟ ସମସ୍ତ କର୍ମଚାରୀ ଙ୍କ ହାତରେ ରାକ୍ଷୀ ବାନ୍ଧି ବନ୍ଦାପନା କରି ପୁଲିସ ଭାଇମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ । ରାକ୍ଷୀ ବନ୍ଧନ ପରେ ପିଲାମାନେ ଥାନା ପରିସରରେ ଭାଇ ଭଉଣୀ ର ପବିତ୍ର ସମ୍ପର୍କ ଆଧାରିତ ଏକ ନୃତ୍ୟାଭିନୟ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ । ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆରତୀ ବାଳା ଦାସ, ଅନୀତା ରାଣୀ ଦାସ,ମାମୁନି ମହାପାତ୍ର, ନମିତା ବାଗ୍, ପୂଜା ପରିଡ଼ା, ଗାୟତ୍ରୀ ଦଳେଇ, ସୁନୀତା ପଢିଆରୀ, ମୈ ।ସୁମୀ ଚାଟାର୍ଜୀ, ଅନୀଷା ପାତ୍ର, ଭଗବାନ ସାହୁ ସରୀଫୁଦ୍ଦିନ୍ ମହମ୍ମଦ, ନିରଞ୍ଜନ ମୁଖୀ ,ଜୁଲି ମହାନ୍ତି ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟ ରେ ସହଯୋଗ କରିଥିଲେ ।



# ପାଣି ଘେରରେ ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ କଲେ ରେମୁଣା ବିଧାୟକ



ବାଲେଶ୍ୱର(ନି.ପ୍ର.)ଲଗାତାର ବର୍ଷା କାରଣରୁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଂଚଳ ଜଳମଗ୍ନ ହୋଇଥିବାବେଳେ ଅନେକ ଗ୍ରାମ ଏବେ ମଧ ପାଣି ଘେରରେ ରହିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁରୁବାର ରେମୁଣା ନିର୍ବାଚନ ମଣ୍ଡଳୀର ଶେରଗଡ, ବରୁଣସିଂ, ଶାସଙ୍ଗ ଆଦି ପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସକାଳ ପ୍ରାୟ ୧୧ ଘଟିକା ସମୟରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ପହଂଚି ପାଣି ଘେରରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ବନ୍ୟା ପାଣି ହ୍ରାସ ପାଇଥିଲେ ମଧ ଅନେକ ପରିବାର ଏବେ ମଧ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ସେମାନଙ୍କ ଦୈନିକ ଜୀବନ ଦୁର୍ବିଷହ ହୋଇପଡ଼ିଛି । ଏହି ପରିସ୍ଥିତିରେ ପ୍ରଭାବିତ ପରିବାରମାନଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ବିଧାୟକ ଶ୍ରୀ ଦାସଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା ।

# ୪୭ଟି ଉଚ୍ଚ ବିଦ୍ୟାଳୟରେ ନାହାନ୍ତି ପ୍ରଧାନଶିକ୍ଷକ

ବାଲେଶ୍ୱର,(ନି.ପ୍ର): ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବହୁ ଟିଜିଟି(ଦକ୍ଷ ସ୍ନାତକ ଶିକ୍ଷକ) ଓ ପ୍ରଧାନ ଶିକ୍ଷକ ପଦ ଖାଲି ରହିଛି ।ଫଳରେ ଶିକ୍ଷା ଦାନ ବ୍ୟାହତ ହେବା ସହିତ ଛାତ୍ରଛାତ୍ରୀଙ୍କ ପାଠପଢା ଠିକ୍ ଭାବେ ହୋଇପାରୁନି । ଖୁବ୍ ଶୀଘ୍ର ଏହି ପଦଗୁଡିକ ପୁରଣ କରିବାକୁ ଅଭିଭାବକ, ଛାତ୍ରଛାତ୍ରୀ ଓ ଆଶାୟୀ ପ୍ରାର୍ଥୀ ଦାବି କରିଛନ୍ତି । ସୂଚନା ଥାଉକି, ଜିଲ୍ଲାରେ ଥିବା ମୋଟ ୨୫୦ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶତାଧିକ ଶିକ୍ଷକ ପଦ ଖାଲି ରହିଛି । ଏବେ ମୋଟ୨୫୦ଟି ପ୍ରଧାନ ଶିକ୍ଷକ ପଦରୁ ୨୦୩ ଜଣ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ବାକି ୪୭ଟି ପଦ ଖାଲି ରହିଛି । ସେହିପରି ଦକ୍ଷ ସ୍ନାତକ ଶିକ୍ଷକ କଳା ବିଭାଗର ମୋଟ ୭୫୮ଟି ମଞ୍ଜୁରୀପ୍ରାପ୍ତ ପଦ ଥିବାବେଳେ ସେଥିରୁ ୪୨ଜଣ ଶିକ୍ଷକ ଅଭାବ ରହିଛନ୍ତି । ସେହିପରି ପିସିଏମ(ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ) ବିଭାଗରେ ମୋଟ ୩୭୨ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ନିଯୁକ୍ତି ପାଇନାହାନ୍ତି ।ଅନ୍ୟପଟେ ସବିଜେଡ(ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ,ପ୍ରାଣୀ ବିଜ୍ଞାନ)ବିଷୟ ପାଇଁ ମଧ ସମାନ ସ୍ଥିତି । ୩୧୨ଟିମଞ୍ଜୁରୀ ପ୍ରାପ୍ତ ଶିକ୍ଷକ ପଦଥିବା ବେଳେ ୨୬ଟି ପଦ ଖାଲି ରହିଛି । ଅନ୍ୟପଟେ ୨୫୩ ହିନ୍ଦୀ ଶିକ୍ଷକ ଥିବାବେଳେ ସେଥିରୁ ୨୨୬ ଜଣ ଶିକ୍ଷକ ଅଛନ୍ତି । ହିନ୍ଦୀ ପଢାଇବାକୁ ଆହୁରି ୨୭ ଜଣ ହିନ୍ଦୀ ଶିକ୍ଷକଙ୍କ ଆବଶ୍ରକତା ଥିବା ଜଣା ପଡିଛି । ସେହିପରି ଦେବଭାଷା ସଂସ୍କୃତ ପଢାଇବାକୁ ୨୫୩ଟି ପଦରୁ ୨୪୩ ଜଣ ଶିକ୍ଷକ ଅଛନ୍ତି । ଆଉ ୧୦ ଜଣ ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଅପେକ୍ଷାରେ ଅଛନ୍ତି । ଏହାସହିତ ୨୨ଜଣ ଶାରୀରିକ କ୍ରୀଡା ଶିକ୍ଷକ ଓ ୨ ଜଣ ଉର୍ଦ୍ଦୁ ଶିକ୍ଷକଙ୍କ ଙ୍କ ଆବଶ୍ୟକତା ଥିବା ଜଣାପଡିଛି । ଉତର ଓଡିଶାରେ ଶିକ୍ଷା କ୍ଷେତ୍ରରେ ଆଗୁଆ ଥିବା ବାଲେଶ୍ୱର ଜିଲ୍ଲାରେ ଏତେ ସଂଖ୍ୟାରେ ଶିକ୍ଷକ ଅଭାବ ଶିକ୍ଷା ବିଭାଗର ଚରମ ଅବହେଳାକୁ ପଦାରେ ପକାଇଇଛି । ଖୁବ୍ ଶୀଘ୍ର ଏହି ପଦକୁ ପୂରଣ କରିବାକୁ ବିଭିନ୍ନ ମହଲରୁ ଦାବିହେଉଛି । କେବଳ ସେତିକି ନୁହେଁ ଶିକ୍ଷକ ଅଭାବ ପାଇଁ ପୂର୍ବରୁ ବହୁ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ଓ ସାମାଜିକ ସଂଗଠନ ଗୁଡିକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଜିଲ୍ଲାରେ ଖାଲି ପଡିଥିବା ୧୯୯ ଜଣ ନୂା ଶିକ୍ଷକ କେବେ ନିଯୁକ୍ତି ପାଉଛନ୍ତି ।

# ଲାଇଫ ଚାମ୍ପିଅନସିପ ଆୱାର୍ଡ୍ କାର୍ଯ୍ୟକ୍ରମ

ବାଲେଶ୍ୱର,(ନି.ପ୍ର.) ଏଚ୍‌ଡିଏଫସି ଲାଇଫ୍ର ବାଲେଶ୍ୱର ଶାଖା ପକ୍ଷରୁ ଏଚଡିଏଫ୍‌ସି ଚାମ୍ପିଅନସିପ ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ସମାଜସେବୀ ଏସ୍ ଗୀତାଞ୍ଜଳି ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି । ସେ କହିଥିଲେ ମିଳିତ କର୍ମଚାରୀ ଦଳ କୌଣସି ସଂସ୍ଥାର ପ୍ରକୃତ ଶକ୍ତି । ସଦସ୍ୟଙ୍କ ନିଷ୍ଠାର ସହ କାର୍ଯ୍ୟଧାରା ସଂସ୍ଥାକୁ ଶୀର୍ଷରେ ପହଂଚାଇଥାଏ । ସମସ୍ତ ଜମ୍ପିଆନକୁ ଅଭିନନ୍ଦନ ଜଣାଇବାସହ ଏହି ସମ୍ମାନ ସେମାନଙ୍କର ପରିଶ୍ରମ, ନିଷ୍ଠା, ଓ ସମର୍ପଣର ପରିଚୟ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଆସୋସିଏଟ ସର୍କଲ ମୁଖ୍ୟ ଶାନ୍ତନୁ ପାଣି, ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବଟବୃକ୍ଷରେ ବନ୍ଧାଗଲା ରକ୍ଷାସୂତ୍ର



ବାଲେଶ୍ୱର,(ନି.ପ୍ର.) ବାଲେଶ୍ୱର ବଟବୃକ୍ଷ ସୁରକ୍ଷାମଂଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପୁରାତନ ବଟବୃକ୍ଷରେ ୨୭ ତାରିଖ ମଧ୍ୟାହ୍ନରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ତପନ କୁମାର ଦାସ, ଜ୍ଞାନରଂଜନ ଦାସ, ପ୍ରଦୀପ ବେରା, ସଂଜିତ କୁମାର ଘୋଷ, ମିତ୍ରବନ୍ଧୁ ପଲେଇ, ଦେବବ୍ରତ ପାଣିଗ୍ରାହୀ, ହ୍ରୀତିକ ନାୟକ, ବୁଦ୍ଧେଶ୍ୱର ମଲ୍ଲିକ, ଚନ୍ଦନ ପାଣିଗ୍ରାହୀ, କୁଂଜମଣି ସ୍ୱାଇଁ, ହାଇଦର ଖାଁ, ଆଶୁତୋ । ମଲ୍ଲିକ, ବିଜୟ ଦାସ ଓ ଗଣମାଧ୍ୟମର ଅନ୍ୟାନ୍ୟ ପ୍ରତିନିଧିବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗହ୍ମା ପୂର୍ଣ୍ଣମୀ ଅବସରରେ ବଟବୃକ୍ଷରେ ରକ୍ଷାସୂତ୍ର ବନ୍ଧନ ଓ ଗୋମାତାଙ୍କ ବେକରେ ରକ୍ଷାସୂତ୍ର ବନ୍ଧନ କାର୍ଯ୍ୟକ୍ରମ ସାଙ୍ଗକୁ ବଳଦେବ ଜୀଉଙ୍କ ଜୟନ୍ତୀ ଉତ୍ସବର ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ଆଜିର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରାଯାଇଛି ।

# ବୃକ୍ଷରେ ବନ୍ଧାହେଲା ରକ୍ଷୀ

ବାଲେଶ୍ୱର,(ନି.ପ୍ର.)୨୭ ତାରିଖ ପୂର୍ବାହ୍ନରେ ଅନ୍ନପୂର୍ଣ୍ଣା ସ୍ୱେଚ୍ଛାସେବୀ ପ୍ରତିଷ୍ଠାନ ପକ୍ଷରୁ ବୃକ୍ଷରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଂଶୀଧର ଦାସଙ୍କ ନେତୃତ୍ୱରେ ଗୌର ପାତ୍ର, ଅନୀତା ମହାନ୍ତି, ଜନ୍ନତ ହୁସେନ, ଅନୁପମା ବେହେରା, ବଳରାମ ବେହେରା, ସୁକୁମାର ବେହେରା, ପ୍ରଦୀପ କୁମାର ଘୋଷାଲ, ସାରଥୀ ବେହେରା, ସଂଜୟ କୁମାର ପାତ୍ର, କ୍ଷୀରୋଦ କୁମାର ମଲ୍ଲିକ, ପଦ୍ମଲୋଚନ ଲେଙ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# 'ସହାୟକ' ଦ୍ୱାରା ଗୋମାତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର,(ନି.ପ୍ର.): ତରଫରୁ ଆଜି ପବିତ୍ର ରକ୍ଷା ବନ୍ଧନ ଦିବସରେ 'ସହାୟକ' ବାଲେଶ୍ୱରର ସଦସ୍ୟ ସଦସ୍ୟାଙ୍କ ଦ୍ୱାରା କୁରୁଡା ପ□ାୟତର ହରିଡ଼ା ଗ୍ରାମସ୍ଥିତ ନିରାକାର ପାଣିଗ୍ରାହୀଙ୍କର ଗୋଶାଳାରେ ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ତ□ାବଧାନରେ ଗୋମାତା ପୂଜନ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଭାରତୀୟ ସନାତନ ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ 'ସହାୟକ' ପରିବାର ଉପଦେଷ୍ଟା ତଥା ପୂର୍ବତନ ସଭାପତି ଦିବାକର ମହାପାତ୍ରଙ୍କ ମାର୍ଗ ଦର୍ଶନରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଗୋମାତା ପୂଜାର ଐତିହ୍ୟ, ପରମ୍ପରା ଓ ପ୍ରାଚୀନତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ସମେତ ଇଂ ସୁରେନ୍ଦ୍ର ପ୍ରସାଦ ନାୟକ, ପ୍ରଫୁଲ୍ଲ କୁମାର ଦାସ, ଗଙ୍ଗାଧର ପୃଷ୍ଟି, ଡ.ଲକ୍ଷ୍ମଣ ଚରଣ ବିଶ୍ୱାଳ, ରବିନ୍ଦ୍ର ନାଥ ଗିରି, ଡ. ଦୟାନିଧି ମହାପାତ୍ର, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରଣିତା ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଗରମ ପିଚୁ ପଡ଼ି ୧ ଗୁରୁତର





ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଜିଲ୍ଲାପାଳଙ୍କ ପୁରାତନ ସରକାରୀ କାର୍ଯ୍ୟାଳୟ ଛାତ ଉପରେ ୨୭ ତାରିଖ ମଧ୍ୟାହ୍ନରେ ଗରମ ପିଚୁ ଉପରେ ପ୍ଲାଷ୍ଟିକର ଚାଦର ବିଛା ଯାଉଥିବା ବେଳେ କାର୍ଯ୍ୟରତ କର୍ମଚାରୀ ଅସାବଧାନତା ଯୋଗୁଁ ଗରମ ପିଚ ଡବା ଗୋଡ଼ରେ ପଡ଼ିଯିବା ଯୋଗୁଁ ସେ ଗୁରୁତର ଭାବେ ଆହତ ହୋଇ ଚିତ୍କାର କରୁଥିଲେ । ତାଙ୍କୁ ତତ୍‌କ୍ଷଣାତ ତଳକୁ ଓହ୍ଲାଯାଇ ଠିକାଦାର ଜଣକ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନେଇଯାଇଥିଲେ । ପ୍ରକାଶଯେ, ପିଚୁ କାମ କରିବା ସମୟରେ କର୍ମଚାରୀ ଜଣକ ନିଜକୁ ସୁରକ୍ଷିତ ରଖିବା ଏବଂ ସୁରକ୍ଷା କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ନଥିବା ଯୋଗୁଁ ଏଭଳି ଅଘଟଣ ଘଟିବା ଦେଖିବାକୁ ମିଳିଛି ।




# ଜିଲ୍ଲା ବିଜେପି ପକ୍ଷରୁ ଡକ୍ଟର ପ୍ରଭାତ ରଂଜନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା

କଟକ(ନିପ୍ର): କଟକ ଜିଲ୍ଲା ବିଜେପି ତରଫରୁ ବରିଷ୍ଠ ବିଜେପି ନେତା ଡକ୍ଟର ପ୍ରଭାତ ରଂଜନ ବିଶ୍ୱାଳ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଶହ ଶହ କାର୍ଯ୍ୟକର୍ତା ଗଡଗଡିଆ ଘାଟଠାରୁ ଏକ ଶୋଭାଯାତ୍ରାରେ ପ୍ରଭାତ ରଂଜନ ବିଶ୍ୱାଳଙ୍କୁ ପାଛୋଟି ନିଆ ଯାଇଥିଲେ । ପରେ ବାରବାଟି ଷ୍ଟାଡିୟମରେ ଏକ ସଭାରେ ସମ୍ବର୍ଦ୍ଧନା ଜଣାଇଥିଲ । ଏହି ସଭାରେ ବିଶ୍ୱାଳ ଦଳର ଭବିଷ୍ୟତକୁ ନେଇ ଗୁରୁତ୍ୟପୂର୍ଣ୍ଣ ସୂଚନା ଦେଇଥିଲେ । ବିଜେପି କର୍ମୀ ଏକ ହୋଇ ଲଢ଼ିବେ ଏବଂ ଆଗାମୀ ପୌର ନିର୍ବାଚନରେ ବିଜେପି କଟକ ମହାନଗର ନିଗମ



ମେୟର ପଦ ଦଖଲ କରିବ ବୋଲି ଦୃଢ଼ତା ପ୍ରକାଶ କରିଥିଲା । ଏହି ସଭାରେ କଟକ ଜିଲ୍ଲା ପ୍ରଭାରୀ ଜ୍ଞାନ ଦେବ ବେଉରା, ଲଲାଟେନ୍ଦୁ ବଡୁ, ବାଜେନ୍ଦ୍ର ରାୟ, ରଶ୍ମୀ ରେଖା ଦାସ, ବିଶ୍ୱ ରଂଜନ ମିଶ୍ର, ଜଗନ୍ନାଥ ପରିଡ଼ା, ବସନ୍ତ ଜେନା, ଇନ୍ଦ୍ରମଣି ମଲ୍ଲିକ, ଅଶୋକ ସାହୁ, ସ୍ମୃତି ରଞ୍ଜନ ମିଶ୍ର, କର୍ପୋରେଟର ପଦ୍ମିନୀ ସାହୁ, କର୍ପୋରେଟର ମିନା ସାହୁ, ଲକ୍ଷ୍ମୀଧର ବେହେରା, ଆଶୁତୋଷ ଦାସ, ସୁବ୍ରତ ଶତପଥି, ଆଶିଶକନ୍ତ ମହାନ୍ତି, ମଞ୍ଜିତ ଦାସ, ସ୍ୱାଧୀନ ମହାନ୍ତି,ପ୍ରଶାନ୍ତ ଦାସ, ଶୁଭମ ସ୍ୱାଇଁ, ଜୟ ଦେବ ପୃଷ୍ଟି, ଦୀପ୍ତି ସ୍ୱାଇଁ, ପ୍ରକାଶ ବଡ଼ଜେନା, ପ୍ରମୋଦ ସାହୁ ମନୋରଂଜନ ସାହୁ, ଅମ୍ବିକା ସାମଲ, ସୁଶାନ୍ତ ପାତ୍ର, ଚିତରଞ୍ଜନ ଦାସ, ତ୍ରିଲୋଚନ ବେହେରା, ଯୋଗେନ୍ଦ୍ର ନାଥ ଭୋଇ, ଆଲୋକ ମହାନ୍ତି, ନିର୍ମଳ ଦାସ, ପୀୟୂଷ ପରିଡ଼ା, ସୁମିତା ଦେବତା, ମାମିନା ମହାନ୍ତି, ଚନ୍ଦ୍ରକାନ୍ତ ବେହେରା, ସନାତନ ପଣ୍ଡା, ରାଜେଶ ବେହେରା, ସୁରଜ୍ ଦାସ, ସୁଶାନ୍ତ ଦାସ, ଅସୀମ ଅମିତାଭ, ଅଶ୍ୱିନୀ କଣ୍ଡି, ନବଘନ ସ୍ୱାଇଁ,ବନ୍ଧୁଚରନ୍ ସାହୁ, ଭୂପତ୍ ଭୂଷଣ ପାଣି, ସରୋଜ ମହାପାତ୍ର, ଗୀତାଞ୍ଜଳି ମିଶ୍ର, ଆଲୋକ ଗଜେନ୍ଦ୍ର, ବୁଲୁ ସ୍ୱାଇଁ, ସମରେଶ ସ୍ୱାଇଁ, ବିଜୟ ରାଉତରାୟ, ପ୍ରତାପ ସାହୁ, ସୁକାନ୍ତ ପ୍ରଧାନ, ପ୍ରମୋଦ ଓଝା,ମିଲନ ରାଉତ ରାୟ, ମନସ୍ୱିନୀ ଦୀକ୍ଷିତ, ଉପେନ୍ଦ୍ର ମହାରଣା, ନମିତା ମଞ୍ଜରୀ ସାହୁ, ସୁଶୀଲ ନାୟକ, ଅଭିନାଶ ନାୟକ, ଦେବୀ ଦତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ରକ୍ଷାବନ୍ଧନ ପାଳିତ

ବୈଶିଙ୍ଗା(ନିପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଅଛି । ଇକୋକ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ରକ୍ଷାବନ୍ଧନରେ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି - ବିଜୟ ଭାସ୍କର ମହାଳିକ ପ୍ରଧାନଶିକ୍ଷକ ବୁଢ଼ାବଲଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁଖ୍ୟବକ୍ତା - ହରୀମୋହନ କର ପ୍ରଧାନଶିକ୍ଷକ ମାନବୀର ଉଚ୍ଚ ବିଦ୍ୟାଳୟ, ସମ୍ମାନନୀୟ ଅତିଥି - କାଳୀଚରଣ ସିଂ ପୂର୍ବତନ ସରପଂଚ ଯୋଗ ଦେଇଥିଲେ । ଛାତ୍ର - ଛାତ୍ରୀମାନେ ବୃକ୍ଷକୁ ପୂଜାର୍ଚ୍ଚନା କରି ପ୍ରତ୍ୟେକ ବୃକ୍ଷ କୁ ରାଖୀ ବାନ୍ଧିଥିଲେ । ବିଜ୍ଞାନ ଯୁଗରେ ରାସ୍ତା, ଶିଳ୍ପ ଓ ଗୃହ ନିର୍ମାଣ ପାଇଁ ଯେଉଁ ଭଳି ଭାବେ ଅବାଧରେ ଗଛ କଟା ଯାଉଅଛି ଏହା ଫଳରେ ପରିବେଶ ବିଗିଡ଼ିବା ସହିତ ଜୀବଜଗତ ପାଇଁ ବିପଦର କାରଣ ହେଉଅଛି । ପରିବେଶର ସୁରକ୍ଷା ନିମନ୍ତେ ଗଛକୁ ମା ଭାବି ଛାତ୍ର - ଛାତ୍ରୀ ମାନେ ନିଜ ପରିବାରର ଜନ୍ମ, ବିବାହ, ମୃତ୍ୟୁ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ଭବିଷ୍ୟତରେ ପରିବେଶର ଭାରସାମ୍ୟ ରକ୍ଷା ହୋଇପାରିବା ସହିତ ନିଜ ନିଜ ବାଡ଼ିରେ ଆଜି ଦିନରେ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅତିଥି ବୃନ୍ଦ ଛାତ୍ର - ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ଛାତ୍ରୀମାନେ ରାଖୀ ବାନ୍ଧିବା ସହିତ ଶୁଭକାମନା କରିଥିଲେ । ସମସ୍ତେ ନିଶାମୁକ୍ତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା । ସର୍ବଶେଷରେ ମନୋଜ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମଏମଡିଆର ବିଲ ପ୍ରତ୍ୟାହାର ପାଇଁ ବିଜେଡି ତରଫରୁ ସାମ୍ବାଦିକ ସମ୍ମିଳନୀ

ଉଦଳା(ନିପ୍ର): ଉଦଳା ବିଜେଡ଼ି କାର୍ଯ୍ୟାଳୟ ପରିସରରେ ବିଜେଡ଼ି ଦଳର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ଆହ୍ୱାନ କ୍ରମେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସେ ବିଜେପି ସରକାର ଏହି ଦୁଇ ବର୍ଷ ଭିତରେ ଖଣି, ପାଣି, ମାଟି ଓ ରାଜ୍ୟର ସମ୍ପତି ଲୁଟିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି । ଚଳିତ ମାସ ୨୪ ତାରିଖରେ କେନ୍ଦ୍ର ସରକାର ଏମ ଏମ ଡି ଆର (ଖଣି ସଂଶୋଧନ ବିଲ୍ ୨୦୨୪) ଆଣିବା ଫଳରେ ଓଡ଼ିଶା ପ୍ରତି ବଡ଼ ଦୁର୍ଭାଗ୍ୟ ବୋଲି ସମସ୍ତେ କହିଲେଣି । ଓଡ଼ିଶା ରାଜ୍ୟରୁ ୨୦ ଲୋକସଭା ସାଂସଦ ପାର୍ଲିଆମେଂଟ ଭିତରେ ଉପସ୍ଥିତ ଥାଇ ରାଜ୍ୟର ସ୍ୱାର୍ଥ ପାଇଁ ମୁହଁ ନଖୋଲିବା ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଅଟେ । ଉକ୍ତ ବିଲଟି ପାସ ହେବା ଫଳରେ ରାଜ୍ୟରେ ଡବଲ ଇଂଜିନି ସରକାର ୨୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ । ରାଜ୍ୟ ବିକାଶ ପରିବର୍ତେ ବିନାଶ ଆଡ଼କୁ ଯାଉଥିବା କଥାକୁ ଓଡ଼ିଶାର ବିଜେଡ଼ି ଦଳ ପ୍ରତିବାଦ ତୃଣମୂଳ ସ୍ତରରୁ ଆରମ୍ଭ କରିବା ସହିତ ରାଜଧାନୀ ଉପରେ ପ୍ରତିବାଦ କରି କେନ୍ଦ୍ର ସରକାରଂକୁ ପ୍ରତ୍ୟାହାର ପାଇଁ ଦାବି କରାଯିବ ବୋଲି ସୂଚନା ଦେଇ ଅଛନ୍ତି । ଦେଶର ମୋଟ ଖଣିଜ ଉତ୍ପାଦନରେ ଓଡ଼ିଶାର ୫୦% ଅଟେ । ତଥାପି ରାଜ୍ୟ ପାଇଁ ହକ ମାଗିଲେ କେନ୍ଦ୍ର ସରକାର ସବୁବେଳେ ଉପେକ୍ଷା କରି ଆସି ଅଛନ୍ତି । ଜନସଂଖ୍ୟା ହିସାବରେ ଅର୍ଥ ଯେତିକି ମିଳିବା କଥା ତାହା ଏପର୍ଯ୍ୟନ୍ତ ମିଳୁ ନାହିଁ । ଅନ୍ୟ ରାଜ୍ୟରୁ ଖଣିଜ ସମ୍ପଦରୁ କମ ରାଜସ୍ୱ କେନ୍ଦ୍ର ସରକାର ନେଉ ଅଛନ୍ତି ଅଥଚ ସେହି ରାଜ୍ୟମାନଙ୍କୁ ଅଧିକ ରାଜସ୍ୱ ଦେଉ ଅଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଉଦଳା ଏନ୍ ଏ ସିର ପୂର୍ବତନ ଚେୟାରମେନ ମନୋଜ ମହାନ୍ତି, ପୂର୍ବତନ ନଗର ସଭାପତି ବନମାଳୀ ବେହେରା, ଉଦଳା ଏନ୍ ଏ ସିର ଭାଏସ ଚେୟାରମେନ ଲିଲି ଭୋଳ, ଉଦଳା ବ୍ଲକ ସଭାପତି, କପ୍ତିପଦା ବ୍ଲକ ସଭାପତି, ଅମୀୟ କୁମାର ବଳ, ଶଶିଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ‘ତାଳ ଗଛର ଛାଇ’ ଉପନ୍ୟାସର ଶୁଭ ଉନ୍ମୋଚନ

କଟକ: (ନି ପ୍ର ) ପ୍ରତିଭାମୟୀ ଔପନ୍ୟାସିକା ଡାକ୍ତର ସୁଲେଖା ମିଶ୍ରଙ୍କ ଚତୁର୍ଥ ଉପନ୍ୟାସ ‘ତାଳ ଗଛର ଛାଇ’ର ଲୋକାର୍ପଣ ସମାରୋହ ଉତ୍କଳ ସାହିତ୍ୟ ସମାଜର ଐତିହ୍ୟ କକ୍ଷ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଗରିମାମୟ ସାରସ୍ୱତ ସମାବେଶରେ ଶୋଭାମଣ୍ଡିତ କରିଥିଲେ ଉଦ୍‌ଘାଟକ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଓ ଶିକ୍ଷାବିତ୍ ଶ୍ରୀଯୁକ୍ତ ଦାଶ ବେନହୁର, ମୁଖ୍ୟଅତିଥି ମହାମଣ୍ଡଳେଶ୍ୱର, ଓଡ଼ିଶା କିନ୍ନର ସଂପ୍ରଦାୟର ମିଠି ମା, ବରେଣ୍ୟ ଅତିଥି ଅବସରପ୍ରାପ୍ତ ପ୍ରମୁଖ ମୁଖ୍ୟ



ଆୟକର କମିଶନର ମନୋରଂଜନ ପାଣିଗ୍ରାହୀ, ମୁଖ୍ୟବକ୍ତାବିଶିଷ୍ଟ ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହ , ବିଶିଷ୍ଟ ଜ୍ୟୋତିର୍ବିଦ ସମ୍ମାନନୀୟ ବକ୍ତା ଡକ୍ଟର ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ପୁସ୍ତକ ବିଷୟରେ ଆଲୋଚନା କରିଥିବାବେଳେ ସଭାପତିତ୍ୱ କରିଥିଲେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ । ଏହି କାର୍ଯ୍ୟକ୍ରମର ସଂଯୋଜକ ଅଜିତ୍ କୁମାର ମହାପାତ୍ର ଓ ଲେଖିକାଙ୍କର ପତିଦେବ ଦିଲ୍ଲୀପ କୁମାର ମିଶ୍ର, ଯାହାଙ୍କର ପ୍ରେରଣାରେ ଲେଖିକା ଶ୍ରୀମତୀ ମିଶ୍ର ନିଜକୁ ଜଣେ ଲେଖିକା ଭାବରେ ପ୍ରତିପାଦନ କରି ପାରିଛନ୍ତି । ଲେଖିକା ମିଶ୍ର ଉପନ୍ୟାସର କାହାଣୀ ସମ୍ପର୍କରେ କହିଥିଲେ ଯେ, ତାଳ ଗଛକୁ ଲୋକେ ପସନ୍ଦ କରୁ ନଥିଲେ ବି ତାଳଗଛ ଟିଏ ଯେପରି ଲୋକଙ୍କୁ ବଜ୍ରଘାତରୁ ରକ୍ଷା କରିଥାଏ, ସେପରି ଜଣେ କିନ୍ନରକୁ ଏ ସମାଜ ଗ୍ରହଣ ନ କରିଥିଲେ ବି କିନ୍ନରର ଏ ସମାଜ ପ୍ରତି ଅନେକ ଅବଦାନ ରହିଛି । ଏ ପୁସ୍ତକଟି ନିଶ୍ଚୟ ଯୁବପିଢ଼ୀଙ୍କର ଆଦରଲାଭ କରିବ ବୋଲି ଲେଖିକା କହିଛନ୍ତି ।

# ପୂର୍ବତନ ବାଚସ୍ପତି ସ୍ୱର୍ଗତ ପ୍ରସନ୍ନ କୁମାର ଦାଶଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳିତ

ବେତନଟୀ(ନିପ୍ର): ମୟୂରଭଞ୍ଜର ବିଶିଷ୍ଟ ରାଜନେତା, ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ୯ ଥରର ବିଧାୟକ ସ୍ୱର୍ଗତ ପ୍ରସନ୍ନ କୁମାର ଦାଶଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଆଜି ବେତନଟୀଠାରେ ଶ୍ରଦ୍ଧା ଓ ସମ୍ମାନର ସହିତ ପାଳିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ବେତନଟୀ ବଙ୍ଗଳା ଛକ ନିକଟରେ ଥିବା ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ଦାଶଙ୍କ କନିଷ୍ଠ ପୁତ୍ର ସୁଭାଷ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା, ଅଂଚଳର ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅରୁଣ କୁମାର



ଓତା, ପ୍ରବୀର କୁମାର ବାରିକ, ବାସୁଦେବ ନାପିତ, ଗୁରୁଚରଣ, ରବୀନ୍ଦ୍ର ଖଟୁଆ, ରବୀନ୍ଦ୍ର ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି, ମଂଟୁ ଜେନା ଓ ମାନସ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାରେ ବକ୍ତାମାନେ ତାଙ୍କ ଜୀବନାଦର୍ଶ ଓ ଜନସେବା ଉପରେ ଆଲୋକପାତ କରିଥିଲେ । ୧୯୧୯ ଅଗଷ୍ଟ ୨୭ରେ ଜନ୍ମଗ୍ରହଣ କରିଥିବା ପ୍ରସନ୍ନ ବାବୁ ୧୯୫୨ରୁ ୨୦୦୦ ମସିହା ମଧ୍ୟରେ ମୋରଡ଼ା, ବୈଶିଙ୍ଗା, ଖୁଂଟା ଓ ବାରିପଦା ନିର୍ବାଚନ ମଣ୍ଡଳୀରୁ ୯ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବିଶେଷ କରି ମୟୂରଭଞ୍ଜ ଜିଲ୍ଲାର ରାସ୍ତାଘାଟ, ଶିକ୍ଷା ବ୍ୟବସ୍ଥା ଓ ଆଦିବାସୀ ବର୍ଗଙ୍କ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ଅବିସ୍ମରଣୀୟ ବୋଲି ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମ ଶେଷରେ ତାଙ୍କ ପରିବାରବର୍ଗ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ସ୍ୱର୍ଗତ ଦାଶଙ୍କ ନୀତି ଓ ନିଷ୍ପାପର ରାଜନୈତିକ ମୂଲ୍ୟବୋଧକୁ ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ବୋଲି ଅଭିହିତ କରି ତାଙ୍କ ସ୍ମୃତି ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ ।

## ଶତାୟୁ ଧର୍ମପରାୟଣା ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର(ନିପ୍ର): ଆରୁହା ପଂଚାୟତର ନିମପୁର ଗାଁର ମୁଖଦାମଣି ସିଂହ(୧୦୮) ବର୍ଷ ବୟସରେ ଆଜି ସ୍ୱର୍ଗାରୋହଣ କରିଛନ୍ତି । ସେ ବାର୍ଦ୍ଧକ୍ୟଜନୀତ ରୋଗରେ ପିଡିତ ଥାଇ ୧୧.୧୫ ମିନିଟ୍‌ରେ ନିଜ ବାସ ଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ତଥା ସାମ୍ବାଦିକ ରାମଚନ୍ଦ୍ର ସିଂହ, ଲକ୍ଷ୍ମଣ ସିଂହ, ଭରତ ସିଂହ, ଶତୃଘ୍ନ ସିଂହ, ମନୋରଂଜନ ସିଂହଙ୍କ ସହିତ ୩ଝିଅ, ନାତୁନାତୁଣୀମାନେ ଉପସ୍ଥିତ ଥିଲେ । ଗ୍ରାମ୍ୟ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସେ ଜଣେ ଧର୍ମପରାୟଣା, ପରପୋକାରୀ ବ୍ୟକ୍ତି ଥିବା ବେଳେ ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳି ଯାଇଛି ।

# ସରଳିଆ ପରିବେଶ ଉନ୍ନୟନ ସମିତି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସୋର(ନିପ୍ର): ସୋର ବ୍ଲକ ଶିଙ୍ଗାଖୁଂଟା ପଂଚାୟତ ସରଳିଆ ଗ୍ରାମର ପରିବେଶ ଉନ୍ନୟନ ସମିତି ତରଫରୁ ବୃକ୍ଷେରାପଣ କାଯ୍ୟର୍କ୍ରମ ଅନୁଷ୍ଠିତ ହୋଇଯାଇଛି । ଦେବଗିରି ପାହାଡ଼ ତଳ ଅଂଚଳରେ ଜଙ୍ଗଲ ଏବଂ ପରେିବଶ ସୁରକ୍ଷା ପାଇଁ ଏକ ବୃକ୍ଷ ରୋପଣ ଏବଂ ପରେିବଶ ସେଚତନତା କାଯ୍ୟର୍କ୍ରମ ଅନୁଷ୍ଠିତ ହୋଇଯାଇଛି । ସୋର ଓ୍ୱାଲ୍ଡଲାଇନ୍ ଔପଦାର ରେଂଜର ଭଗ୍ୟଶ୍ରୀ ଦାସ ଅତିଥି ଭୋବ ଯୋଗେଦଇ ଏହାକୁ ପରିଚାଳନା କରିେଥିଲ । ଏଥେିର ଖୁଂଟାପାଟଣା ଫେରଷ୍ଟର ମିନତି ମାଝୀ, ବାଘଆମ୍ବୁଡ଼ା ଗାର୍ଡ଼ ପ୍ରମିଳା ସେଣ, ପୂବର୍ତନ ସରପଂଚ ଯୋଗେନ୍ଦ୍ର ଜେନା ପ୍ରମୁଖ ଯୋଗେଦଇ ପରିବେଶ ସୁରକ୍ଷା ଉପେର ଲୋକମାନଙ୍କୁ ସେଚତନ କରାଇଥିଲେ । ଏହାପେର ଦେବଗିରି ପାଦେଦଶ ଜଙ୍ଗଲ ନିକେଟର କରଞ୍ଜ, ଅଁଳା, ଲମ୍ବ, ପେଡ଼ା ପ୍ରଭୃତି ଗଛଚାରା ରୋପଣ କରାଯାଇଥିଲା । ଏହି କାଯ୍ୟର୍କ୍ରମକୁ ଉନ୍ନୟନ ସମିତି ସଭାପତି ରତ୍ନାକର ଜେନା, ଶରତ ମଣ୍ଡଳ, ଭରତ ଜେନା, ହୃଦାନନ୍ଦ ସେଠୀ, ବିଜୟ ବେହେରା, ସୁଶାନ୍ତ ଜେନା, ରମଣୀ ସେଠୀ ଏବଂ ଗଜ ସାଥୀ ମାନଙ୍କ ମେଧ୍ୟର ପ୍ରଶାନ୍ତ ଜୋନା, ତାପସ ମିଶ୍ର ପ୍ରମୁଖ ପରିଚାଳେନାର ସହେଯାଗ କରିଥିଲେ ।

# ବନ୍ୟା କ୍ଲିଷ୍ଟଙ୍କୁ ରିଲିଫ ବଂଟନ







ଜଳେଶ୍ୱର(ନିପ୍ର): ପ୍ରଦେଶ ମହିଳା କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ୍ ଜଳେଶ୍ୱର ବ୍ଲକର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ ସହିତ ରିଲିଫ୍ ବଂଟନ କରିଛନ୍ତି । ବୁଧବାର ଅପରାହ୍ନରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ସାମ୍ବାଦିକ ସମ୍ମିଳନୀ ରେ ଯୋଗଦେଇ ବନ୍ୟା ଦୁର୍ଗତଙ୍କ ବିଭିନ୍ନ ସମସ୍ୟା ଏବଂ ସରକାର ଙ୍କ ତ୍ରୁଟିପୂର୍ଣ୍ଣ ବନ୍ୟା ପରିଚାଳନା ସମ୍ପର୍କରେ ବର୍ଷିଥିଲେ । ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ‘ବାହିନୀପତି ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ କର୍ମକର୍ତା ଙ୍କ ସହିତ ଜଳେଶ୍ୱର ରେ ପହଂଚିବା ପରେ ବ୍ଲକ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ସେମାନେ ପଶ୍ଚିମବାଡ, ନେତୁଆ, ନାମ୍ପୋ ଇତ୍ୟାଦି ପଂଚାୟତର ବନ୍ୟାକ୍ଷତିଗ୍ରସ୍ତ ପରିବାରକୁ ଯାଇ ବନ୍ୟା କ୍ଷତିଗ୍ରସ୍ତଙ୍କ ସମସ୍ୟା ସଂପର୍କରେ ପଚାରି ବୁଝିବା ସହିତ ରିଲିଫ ବିତରଣ କରିଥିଲେ । ଅପରାହ୍ନରେ ଶୋଭା ମଣ୍ଡପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବନ୍ୟାକ୍ଲିଷ୍ଟମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିବା ସହିତ ମନୁଷ୍ୟକୃତ ବନ୍ୟାର ସ୍ଥାୟୀ ସମାଧାନ ଲାଗି ସରକାରଙ୍କୁ ଅବଗତ କରିବା ସଂପର୍କରେ କହିଥିଲେ । ନିକଟରେ ପଂଚାୟତରାଜ ମନ୍ତ୍ରୀ ବନ୍ୟାଂଚଳ ବୁଲିଥିଲେ ମଧ୍ୟ ପ୍ରଭାବିତ ଲୋକଙ୍କ ପାଖକୁ ଯାଇନଥିବା ସଂପର୍କରେ ଶ୍ରୀମତୀ ବାହିନୀପତି ଉଦ୍‌ବେଗ୍ ପ୍ରକାଶ କରିବା ସହିତ ବହୁ ଦୁର୍ଗତ ମାନଙ୍କୁ ରନ୍ଧାଖାଦ୍ୟ ଓ ପିଇବା ପାଣି ପର୍ଯ୍ୟାପ୍ତ ପରିମାଣ ରେ ଯୋଗାଇ ନଥିବା ସଂପର୍କରେ କହିଥିଲେ । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବା, ଭାଂଗିଯାଇଥିବା ଘରକୁ ଅବିଳମ୍ବେ ନୂତନ ଘର ଦେବା, ନଷ୍ଟ ହୋଇଥିବା ରାସ୍ତା ଘାଟ ଓ ବନ୍ଧକୁ ଯୁଦ୍ଧକାଳୀନ ଭିତିରେ ମରାମତି କରିବାକୁ ସମ୍ମିଳନୀରେ ଦାବି କରାଯାଇଥିଲା । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମିଡିଆ ଚେୟାରମ୍ୟାନ ଜୟସ୍ମିତା ମହାନ୍ତି, ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମିଶ୍ର, ମୟୂରଭଂଜ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମିଶ୍ର, ଉପସଭାନେତ୍ରୀ ବୃନ୍ଦାବତୀ ମହାପାତ୍ର, ପ୍ରତିମା ମଲ୍ଲିକ, ବାସନ୍ତୀ ସାମଲ, ପ୍ରତିମା ପଣ୍ଡା, କୁମୁଦିନୀ ଦାସ, ରାଧାରାଣୀ ପାତ୍ର, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି, ହେମନ୍ତ ଗିରି, ଟାଉନ ସଭାପତି ଜଗଦିଶ ନନ୍ଦୀ, ସୁଦାମ ପାତ୍ର, ସୌଭିକ ଜେନା, ଦୁର୍ଗାଶଂକର ଆସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ପବିତ୍ର ରକ୍ଷାବନ୍ଧନ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ବିଶିଷ୍ଟ ଯୁବ ଶିଳ୍ପଦ୍ୟୋଗୀ ତଥା ଏସଆର ଗ୍ରୁପ ଅଧ୍ୟକ୍ଷ ତଥା ବିଜେପି ନେତା ଇଂ. ରାଜେଶ ମହାକୁଡ ଓ ରାମଚନ୍ଦ୍ର ମହାକୁଡ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମରେ ପହଂଚି ଅନାଥ ପିଲା ମାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳିଥିଲେ । ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଜୁନ ଚରଣ ମଣ୍ଡଳ, ସମ୍ପାଦକ ଶତ୍ରୁଘ୍ନ ମହାନ୍ତି ଓ




ସରୋଜ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରକ୍ଷାବନ୍ଧନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପରେ ଛାତ୍ରୀ ମାନେ ନିକଟସ୍ଥ ବ୍ୟାଙ୍କ, ପୋଷ୍ଟ ଅଫିସ, ବସ୍ତି ଓ ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇ ରାଖି ବାନ୍ଧିଥିଲେ । ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଖଇରା ସରସ୍ୱତୀ ବିଦ୍ୟା ମନ୍ଦିରରେ, ଶଶିକାନ୍ତ ଦାସଙ୍କ ପୌରହିତ୍ୟରେ ନଟାପଡା ରୋଡସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ, ଜୟନ୍ତ ମାଝୀଙ୍କ ପୌରହିତ୍ୟରେ ଅଲିପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ଜାକଜମକରେ ପାଳିତ ହୋଇ ଯାଇଛି । ନଟାପଡାସ୍ଥିତ ସାଇ ପବ୍ଲିକ ସ୍କୁଲରେ ଆପଣ ଏକା ନୁହଁନ୍ତି ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ବେହେରା ଓ କୋଷାଧକ୍ଷ ଗୋପାମଣି ପଣ୍ଡା ନେତୃତ୍ୱରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି।




ଅନ୍ୟର ସାହାଯ୍ୟ ନଲୋଡ଼ି ମଧ୍ୟ ଯିଏ ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ ।

# ଆଜିକାଲି



*ଅଥକେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ*
*ଅନିଚ୍ଛନ୍ନପି ବାର୍ଷ୍ଣେୟ, ବଳାଦିବ ନିୟୋଜିତଃ*
*(ଶ୍ରୀମଦ୍ ଭଗବଦ୍ ଗୀତା)*


ଭାବାର୍ଥ : ହେ ହୃଷିକେଶ ! କର୍ମ, ଅକର୍ମ, ନିନ୍ଦା, ସ୍ତୁତି, ପାପପୂଣ୍ୟ, ଭଲମନ୍ଦ, ହାନିଲାଭ, ମଙ୍ଗଳ ଅମଙ୍ଗଳ ଏସବୁ ଜାଣି ମଧ୍ୟ ଲୋକ ମାନେ କାହା ପ୍ରେରଣାରେ ଏ ପାପ କରନ୍ତି ତାହା ମୋତେ କହନ୍ତୁ

## ସେବା ସଂକଳ୍ପ ଅଭିଯାନ

ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟମାନଙ୍କରେ ବିଭିନ୍ନ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ । ନମୋ ସେବା ଗାଥା କାର୍ଯ୍ୟକ୍ରମ ଜରିଆରେ ବିଗତ ୨୫ ବର୍ଷର ସେବା କାର୍ଯ୍ୟ, ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଏବଂ ଦେଶରେ ଆସିଥିବା ପରିବର୍ତ୍ତନର କାହାଣୀକୁ ସରଳ, ଭାବପ୍ରବଣ ଓ ସଙ୍ଗୀତମୟ ନାଟ୍ୟ ପରିବେଷଣ ଏବଂ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ଗାଁରୁ ଗାଁକୁ ପହଁଚାଯିବ । ଏହି କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ବିଦ୍ୟାଳୟ, ମହାବିଦ୍ୟାଳୟ, ପଂଚାୟତ, ସାମୁଦାୟିକ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନମାନଙ୍କରେ ଆୟୋଜନ କରାଯିବ । ଏହି ଅବସରରେ ୨୫ ସେପ୍ଟେମ୍ବର - ୭ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଅଙ୍ଗନୱାଡ଼ି ସମ୍ମାନ ଓ ମାତୃ ସମ୍ବାଦ କାର୍ଯ୍ୟକ୍ରମ ପାଳନ କରାଯାଇ ମୋଦୀ ସରକାରଙ୍କ ପୋଷଣ, ସ୍ୱାସ୍ଥ୍ୟ ଏବଂ ମହିଳା ସମ୍ବନ୍ଧୀୟ ଯୋଜନାଗୁଡ଼ିକ ବିଷୟରେ ଶିଶୁ ଓ ମା'ମାନଙ୍କୁ ଅତ୍ୟନ୍ତ ସରଳ ଏବଂ କଥୋପକଥନ ଶୈଳୀରେ ସୂଚନା ଦିଆଯିବ । ମୋଦୀ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଯେଉଁ ୨୫ ଲକ୍ଷ ନାଗରିକଙ୍କ ଜୀବନ ଓ ସ୍ଥାନୀୟ ଅଂଚଳରେ ସକାରାତ୍ମକ ପରିବର୍ତ୍ତନ ଆସିଛି, ସେମାନଙ୍କର ବାସ୍ତବ କାହାଣୀ ଦେଶବାସୀଙ୍କ ସମ୍ମୁଖରେ ପରିବର୍ତ୍ତନର କାହାଣୀ କାର୍ଯ୍ୟକ୍ରମ ଜରିଆରେ ଉପସ୍ଥାପନ କରାଯିବ । ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଜରିଆରେ ଗତ କିଛି ବର୍ଷ ମଧ୍ୟରେ ବଡ଼, ବାସ୍ତବ ଏବଂ ସ୍ପଷ୍ଟ ପରିବର୍ତ୍ତନକୁ ନିଜ ଅନୁଭୂତି ଆଧାରରେ ସ୍ଥାନୀୟବାସିନ୍ଦାମାନେ ଭାରତର ବିକାଶର କାହାଣୀକୁ ଉପସ୍ଥାପନ କରିବେ । ଏଥିରେ ବିଶେଷ ଭାବେ ରାଜ୍ୟର ଇନ୍ ? ?ଫ୍ଲୁଏନ୍ସର ଓ ଡିଜିଟାଲ୍ କ୍ରିଏଟରମାନଙ୍କୁ ଯୋଡାଯିବ । ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଜରିଆରେ ମୋଦିଜୀଙ୍କର ୨୫ ବର୍ଷର ସେବା ପାଇଁ କୃତଜ୍ଞତା ପ୍ରକାଶ କରିବା ସହିତ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡିଶା ୨୦୩୬ ପାଇଁ ସାମୂହିକ ସଂକଳ୍ପ ନିଆଯିବ । ଏହି ଯାତ୍ରା ପ୍ରତ୍ୟେକ ଜିଲ୍ଲା ଓ ଗ୍ରାମରେ ଆୟୋଜିତ ହେବ । ବଡ଼ନଗରରୁ ବାରାଣସୀ କାର୍ଯ୍ୟକ୍ରମ ଜରିଆରେ ଜଳ, ଜନ ଓ ସେବା ସଂକଳ୍ପ ଯାତ୍ରା ଅନୁଷ୍ଠିତ ହେବ । ସେବା - ମୋର ଯୋଗଦାନ ଅଭିଯାନ କାର୍ଯ୍ୟକ୍ରମ ୧୭ ସେପ୍ଟେମ୍ବର ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ନାଗରିକ ସାମାଜିକ ସେବାରେ ନିଜର ଯୋଗଦାନ ଦେବେ । ୨୫ଟି ପ୍ରମୁଖ ସେବା କାର୍ଯ୍ୟକଳାପର ଏକ ତାଲିକା ପ୍ରକାଶ କରାଯାଇଛି ଏବଂ ଅଂଶଗ୍ରହଣକାରୀମାନେ ନିଜ ଘର, ପଡ଼ୋଶୀ, ଗ୍ରାମ, ବିଦ୍ୟାଳୟ, କର୍ମସ୍ଥଳୀ କିମ୍ବା ଯେକୌଣସି ସାର୍ବଜନୀନ ସ୍ଥାନରେ ସେବା, ବିକାଶ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ । ସେହିପରି ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ବ୍ଲକ୍ ସ୍ତରରେ 'ସେବା ସେତୁ' ଶିବିର ଆୟୋଜନ କରାଯିବ । ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ପ୍ରମୁଖ ସାର୍ବଜନୀନ ସ୍ଥାନରେ ମାନବ ରଙ୍ଗୋଲି ଆୟୋଜନ କରାଯାଇ ମୋଦୀଜୀଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା, ଜାତୀୟ ପ୍ରତୀକ ଏବଂ ବିକଶିତ ଭାରତର ସ୍ୱପ୍ନକୁ ପ୍ରଦର୍ଶିତ କରାଯିବ । ଦେଶର ଯୁବବର୍ଗ, ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ?, ପେସାଦାର, କର୍ପୋରେଟ୍ ନବସୃଜନକାରୀ ଏବଂ ତୃଣମୂଳ ସ୍ତରର ସମାଧାନ ବିକାଶକାରୀମାନଙ୍କୁ ଏକତ୍ର କରିବା ପାଇଁ ପାଂଚଟି ପ୍ରମୁଖ ଆଂଚଳିକ ନବସୃଜନ ଆହ୍ୱାନ ଆୟୋଜନ କରାଯିବ । ଜନସେବକ ମହାକୁମ୍ଭ କାର୍ଯ୍ୟକ୍ରମ ୧୭ ଅକ୍ଟୋବର ୨୦୨୬ ଦିନ ଆୟୋଜନ କରାଯିବ ।

## ଜନ୍ମ ଜୟନ୍ତୀ ଉପଲକ୍ଷେ

# ସୀତାର ବାଦକ ବିଲାୟତ୍ ଖାଁ



ବିଶିଷ୍ଟ ସୀତାରବାଦକ ଉସ୍ତାଦ ବିଲାୟତ୍ ଖାଁଙ୍କ ଜନ୍ମଦିନ ହେଉଛି ଅଗଷ୍ଟ ୨୮ ତାରିଖ । ଆଗ୍ରା ଘରନାର ଏହି ଗାୟକ ୨୦୦୪ ମସିହାରେ ୭୫ ବର୍ଷ ବୟସରେ ତାଙ୍କର ଶେଷ ସଂଗୀତ ରେକର୍ଡ଼ କରିଥିଲେ । ୨୮ଅଗଷ୍ଟ ୧୯୨୮ ମସିହାରେ ତତ୍କାଳୀନ ପୂର୍ବବଂଗ (ବର୍ତ୍ତମାନର ବାଙ୍ଗଲାଦେଶ) ର ଗୌରୀପୁରରେ ଜନ୍ମ ଗ୍ରହଣ କରିଥିବା ବିଲାୟତଙ୍କ ଜେଜେ ବାପା ଅମଜାଦ୍ ଖାଁ ମଧ୍ୟ ସିତାର ବାଦକ ଥିଲେ । ସେ ବିଶିଷ୍ଟ ସଂଗୀତ ବିଶାରଦ କହ୍ନେଇଲାଲ୍ ଏବଂ ହୀରେନ୍ ରାୟଙ୍କ ସହ କାମ କରି ଲୋକ ଲୋଚନକୁ ଆସି ପାରି ଥିଲେ । ସେ ମଧ୍ୟ ତାନପୁରା ବାଦନ କରିପାରୁଥିଲେ । ରାଗ ଯମନ, ତୋଡ଼ି, ଦରବାରୀ ଏବଂ ଭୈରବୀ ଉପରେ ତାଙ୍କର ଯଥେଷ୍ଟ ଦକ୍ଷତା ଥିଲା । କର୍କଟ ରୋଗରେ ପୀଡ଼ିତ ହୋଇ ସେ ୨୦୦୪ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେ ସତ୍ୟଜିତ୍ ରାଏଙ୍କ ବଙ୍ଗଳା ଚଳଚ୍ଚିତ୍ର ନ୍ତଜଳସାଗର', ମର୍ଚ୍ଚାଂଟ ଆଭରୀଙ୍କ ନ୍ତଦି ଗୁରୁ', ହିନ୍ଦୀ ଚଳଚ୍ଚିତ୍ର ନ୍ତକାଦମ୍ବରୀ' ଆଦି ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ସେ ପ୍ରଥମେ ମସ୍କୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ନ୍ତରୌପ୍ୟ ପଦକ' ହାସଲ କରିଥିଲେ । ବିଲାୟତ୍ ଖାଁ କେବଳ ଜଣେ ସିତାର ବାଦକ ନଥିଲେ ଜଣେ ଗୀତିକାର ଭାବେ ତାଙ୍କର ପ୍ରସିଦ୍ଧି ରହିଥିଲା । ଏହା ବ୍ୟତୀତ ଜଣେ ପୁସ୍ତକପ୍ରେମୀ ଓ ଭ୍ରମଣ କାହାଣୀର ଲେଖକର ମଧ୍ୟ ସେ ନାୟକ ଥିଲେ । ସମଗ୍ର ବିଶ୍ୱରେ ତାଙ୍କର ସିତାର ବାଦନ ଶ୍ରୋତାମଣ୍ଡଳୀକୁ ବିମୁଗ୍ଧ କରୁଥିଲା । ଭାରତୀୟ ସଂସ୍କୃତି ଓ ବିଶେଷ ଭାବର ରାଗ ଉପରେ ତାଙ୍କର ଅଗାଧ ଗବେଷଣା ଓ ପାଣ୍ଡିତ୍ୟ ରହିଥିଲା । ତାଙ୍କ ଜନ୍ମ ଦିବସରେ ସମଗ୍ର ଭାରତବାସୀ ତାଙ୍କ ପ୍ରତି ଥିବା ଭଲପାଇବା ଜଣାଉଛନ୍ତି ।

# ତିବ୍ବତରୁ ଆସିଲା ପ୍ରଳୟଙ୍କରୀ ବନ୍ୟା: ନେପାଳରେ ଭୟଙ୍କର ବିନାଶ, ହିମାଳୟ ଦେଲା ବଡ଼ ଚେତାବନୀ



◆ସୌଭାଗ୍ୟ ରଂଜନ ମହାନ୍ତି

ହିମାଳୟର ନିରବ ପାହାଡ଼ ମଧ୍ୟରୁ ହଠାତ୍ ଉଠିଲା ଜଳର ଏକ ଭୟଙ୍କର ତରଙ୍ଗ । କେହି ପ୍ରସ୍ତୁତ ହେବାର ସୁଯୋଗ ପାଇଲେ ନାହିଁ, କେହି ନିଜ ଘର, ଦୋକାନ କିମ୍ବା ଜୀବନର ସଂଚୟକୁ ବଂଚାଇବାର ସମୟ ପାଇଲେ ନାହିଁ । ନେପାଳର ରାସୁୱା ଜିଲ୍ଲାରେ ଭୋଟେ କୋଶୀ ନଦୀରେ ଆସିଥିବା ହଠାତ୍ ବନ୍ୟା ଯେଉଁ ବିନାଶର ଚିତ୍ର ଆଙ୍କିଛି, ତାହା କେବଳ ନେପାଳର ଦୁର୍ଘଟଣା ନୁହେଁ। ଏହା ସମଗ୍ର ହିମାଳୟ ଅଂଚଳ ପାଇଁ ଏକ ଗମ୍ଭୀର ସତର୍କ ସଙ୍କେତ । ତିବ୍ବତ ପାର୍ଶ୍ୱରୁ ହଠାତ୍ ବହୁ ପରିମାଣର ଜଳ ଭୋଟେ କୋଶୀ ନଦୀକୁ ପ୍ରବେଶ କରିବା ପରେ ରାସୁୱାର ତିମୁରେ, ସ୍ୟାଫ୍ରୁବେସୀ ଓ ଆଖପାଖ ଅଂଚଳରେ ଭୟଙ୍କର ବନ୍ୟା ଦେଖା ଦେଇଥିଲା । ପ୍ରାଥମିକ ଖବର ଅନୁଯାୟୀ ଅତି କମରେ ୮ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ନିଖୋଜ ଅଛନ୍ତି । ପ୍ରକୃତ ମୃତ୍ୟୁସଂଖ୍ୟା ଓ କ୍ଷୟକ୍ଷତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଉଦ୍ଧାରକାରୀ ଦଳ ମଧ୍ୟ ପ୍ରବଳ ଜଳସ୍ରୋତ ଯୋଗୁଁ ଅନେକ ସ୍ଥାନରେ ପହଂଚିବା ରେ ଅସୁବିଧା ଭୋଗୁଛନ୍ତି । ଏହି ବିପର୍ଯ୍ୟୟର ସବୁଠାରୁ ଭୟଙ୍କର ଦିଗ ହେଉଛି ଏହାର ଆକସ୍ମିକତା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏତେ ଦ୍ରୁତ ଗତିରେ ପାଣି ଆସିଥିଲା ଯେ ଲୋକମାନେ ନିଜ ଜୀବନ ବଂଚାଇବା ପାଇଁ ଦୌଡ଼ିବା ବ୍ୟତୀତ ଅନ୍ୟ କିଛି କରିପାରିନଥିଲେ । ପ୍ରବଳ କାଦୁଆ ପାଣି ସେତୁ, ଘର ଓ ଅନ୍ୟାନ୍ୟ ନିର୍ମାଣକୁ କ୍ଷଣକ ମଧ୍ୟରେ ଭାସାଇ ନେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି । ପ୍ରକୃତିର ଏହି ରୁଦ୍ରରୂପ ରାସୁୱାରେ କେବଳ




ଘରବାଡ଼ିକୁ ନୁହେଁ, ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ଭୟଙ୍କର ଭାବେ ଆଘାତ କରିଛି । ତିମୁରେ ବଜାର, ସୀମା ଶୁଳ୍କ କାର୍ଯ୍ୟାଳୟ ଓ ଅନେକ ଅଂଚଳରେ ବଡ଼ କ୍ଷତି ହୋଇଛି । ନୁୱାକୋଟର ବେତ୍ରାୱତୀରୁ ରସୁୱାଗାଢ଼ୀ ସୀମା ପର୍ଯ୍ୟନ୍ତ ପ୍ରାୟ ୪୨ କିଲୋମିଟର ରାସ୍ତା ବନ୍ୟାରେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି । ଅନେକ ସେତୁ ମଧ୍ୟ ଭାସିଯାଇଛି । ଏହା କେବଳ ଏକ ସଡ଼କ ଭାଙ୍ଗିବାର ଘଟଣା ନୁହେଁ । ଏହି ରାସ୍ତା ନେପାଳ-ଚୀନ ସୀମା ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା । ରାସ୍ତା ଓ ସେତୁ ନଷ୍ଟ ହେବାର ଅର୍ଥ ହେଉଛି ଅଂଚଳର ବାଣିଜ୍ୟ, ଯାତାୟାତ ଓ ଜରୁରୀ ସେବା ଉପରେ ଦୀର୍ଘ ପ୍ରଭାବ ପଡ଼ିବା । ଏହା ସହିତ ଜଳବିଦ୍ୟୁତ କ୍ଷେତ୍ର ମଧ୍ୟ ବଡ଼ ଧକ୍କା ଖାଇଛି । ପ୍ରାୟ ୪୩୦ ମେଗାୱାଟ୍ ବିଦ୍ୟୁତ କ୍ଷମତା ପ୍ରଭାବିତ ହୋଇଥିବା ଖବର ଆସିଛି । ଏହି ଘଟଣାର ସଠିକ୍ କାରଣ ନେଇ ତଦନ୍ତ ଜାରି ରହିଥିଲେ ମଧ୍ୟ ତିବ୍ବତ ପାର୍ଶ୍ୱରୁ ହଠାତ୍ ବହୁ ପରିମାଣର ଜଳ ଆସିଥିବା ନେପାଳୀ କର୍ତ୍ତୃପକ୍ଷ କହିଛନ୍ତି । ହିମନଦୀ ହ୍ରଦ ଫାଟିଯିବା ଭଳି ପ୍ରାକୃତିକ ଘଟଣାର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହେଉଛି, କିନ୍ତୁ ତଦନ୍ତ ଶେଷ ହେବା ପୂର୍ବରୁ କୌଣସି ଗୋଟିଏ କାରଣକୁ ନିଶ୍ଚିତ ବୋଲି କହିବା ଠିକ୍ ହେବ ନାହିଁ । ତଥାପି ଏହି ବିପର୍ଯ୍ୟୟ ଆମକୁ ଗୋଟିଏ ବଡ଼ ସତ୍ୟ ମନେ ପକାଇଦେଉଛି। ହିମାଳୟ ଆଉ ଆମ ପାଇଁ ନିରାପଦ ଓ ସ୍ଥିର ପାହାଡ଼ମାଳା ମାତ୍ର ନୁହେଁ । ଜଳବାୟୁ ପରିବର୍ତ୍ତନ, ହିମନଦୀର ପରିବର୍ତ୍ତନ, ଚରମ ପାଣିପାଗ ଓ ପାହାଡ଼ ଅଂଚଳର ଅସ୍ଥିରତା ଭବିଷ୍ୟତରେ ଏପରି ବିପର୍ଯ୍ୟୟର ଆଶଙ୍କା ବଢ଼ାଇପାରେ । ଭୋଟେ କୋଶୀ ନଦୀର ଏହି ଘଟଣାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପାଠ ରହିଛି। ନଦୀ କୌଣସି ଦେଶର ସୀମା ମାନେନାହିଁ । ତିବ୍ବତର ଉପର ଅଂଚଳରେ ଘଟୁଥିବା ଏକ ଅଚାନକ ପ୍ରାକୃତିକ ଘଟଣାର ପ୍ରଭାବ ନେପାଳରେ ଦେଖାଯାଇ ପାରେ ଏବଂ ତଳ ଅଂଚଳରେ ମଧ୍ୟ ତାହାର ପ୍ରଭାବ ପହଂଚିପାରେ । ତେଣୁ ଏପରି ସୀମାପାର ନଦୀଗୁଡ଼ିକ ପାଇଁ ଚୀନ, ନେପାଳ ଓ ଭାରତ ମଧ୍ୟରେ ତଥ୍ୟ ଆଦାନପ୍ରଦାନ, ଜଳସ୍ତର ସୂଚନା ଓ ପୂର୍ବ ସତର୍କତା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ଅତ୍ୟନ୍ତ ଆବଶ୍ୟକ । ଆଜି ନେପାଳର ରାସୁୱାରେ ଯାହା ଘଟିଛି, ତାହା ଆମ ପାଇଁ ମଧ୍ୟ ଚେତାବନୀ । ହିମାଳୟରୁ ଜନ୍ମ ନେଇଥିବା ନଦୀଗୁଡ଼ିକ ଭାରତର ଜୀବନରେଖା । ଉପର ଅଂଚଳରେ ଅସାଧାରଣ ଜଳପ୍ରବାହ ହେଲେ ତାହାର ପ୍ରଭାବ ତଳ ଅଂଚଳରେ ପହଂଚିବା ଅସମ୍ଭବ ନୁହେଁ । ତେଣୁ ବିପଦ ଆସିବା ପରେ ତ୍ରାଣ ଦେବା ଠାରୁ ବିପଦ ଆସିବା ପୂର୍ବରୁ ଚେତାବନୀ ଦେବା ଅଧିକ ଜରୁରୀ । ଏହି ବିପର୍ଯ୍ୟୟ ଆମକୁ ଆଉ ଏକ ପ୍ରଶ୍ନ ପଚାରୁଛି। ହିମାଳୟରେ ଆମେ କେତେ ଦାୟିତ୍ୱଶୀଳ ଭାବେ ବିକାଶ କରୁଛୁ ? ନଦୀର ସ୍ୱାଭାବିକ ପଥକୁ ଅଣଦେଖା କରି ନିର୍ମାଣ, ବନ୍ୟାପ୍ରବଣ ଅଂଚଳରେ ଅବସ୍ଥାପନା ଏବଂ ପାହାଡ଼ର ପ୍ରାକୃତିକ ସନ୍ତୁଳନକୁ ଅଣଦେଖା କରି ପ୍ରକଳ୍ପ ନିର୍ମାଣ କରାଗଲେ ଏକ ଭୟଙ୍କର ପ୍ରାକୃତିକ ଘଟଣା ସମଗ୍ର ବ୍ୟବସ୍ଥାକୁ ଧ୍ୱଂସ କରିପାରେ । ଆଜି ରାସୁୱାର ଲୋକମାନେ ନିଜ ଘର ଓ ଜୀବିକା ହରାଇଛନ୍ତି । କେହି ନିଜ ପରିବାରର ସଦସ୍ୟଙ୍କୁ ଖୋଜୁଛନ୍ତି, କେହି ନିଜର ସର୍ବସ୍ୱ ହରାଇ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଚାହିଁ ରହିଛନ୍ତି । ଏହି ସମୟରେ ସବୁଠାରୁ ପ୍ରଥମ କାମ ହେଉଛି ମଣିଷର ଜୀବନ ବଂଚାଇବା, ନିଖୋଜଙ୍କୁ ଖୋଜିବା, ଆହତଙ୍କୁ ଚିକିତ୍ସା ଦେବା ଏବଂ ବିସ୍ଥାପିତଙ୍କୁ ଆଶ୍ରୟ ଯୋଗାଇବା । କିନ୍ତୁ ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଆଉ ଏକ ବଡ଼ କାମ ଆରମ୍ଭ ହେବା ଦରକାର । ଏହି ବିପର୍ଯ୍ୟୟ କାହିଁକି ଘଟିଲା, କେଉଁଠି ଆମର ପ୍ରସ୍ତୁତିର ଅଭାବ ଥିଲା ଏବଂ ଆଗାମୀ ଦିନରେ ଏହାଠାରୁ ବଡ଼ ବିପଦକୁ କିପରି ରୋକାଯାଇ ପାରିବ, ତାହାର ନିଷ୍ପକ୍ଷ ଉତ୍ତର ଖୋଜିବା । ନେପାଳର ଏହି ଜଳପ୍ରଳୟ କେବଳ ଏକ ବନ୍ୟା ନୁହେଁ; ଏହା ଆମର ଆତ୍ମସନ୍ତୋଷ ଉପରେ ପ୍ରକୃତିର ଏକ କଠୋର ଆଘାତ । ଆମେ ଯଦି ଏବେ ମଧ୍ୟ ଚେତିବୁ ନାହିଁ, ତେବେ ଆଗାମୀ ଦିନରେ ଏପରି ଘଟଣା ଆହୁରି ଭୟଙ୍କର ରୂପ ନେଇପାରେ । ତେଣୁ ସମୟ ଆସିଛି ହିମାଳୟକୁ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ଭାବେ ନୁହେଁ, ଏକ ସମ୍ବେଦନଶୀଳ ଓ ବିପଦପ୍ରବଣ ପରିବେଶ ଭାବେ ଦେଖିବାର । ସରକାରଙ୍କୁ ବୈଜ୍ଞାନିକ ନିରୀକ୍ଷଣ ବଢ଼ାଇବାକୁ ହେବ, ପୂର୍ବ ସତର୍କ ସୂଚନା ବ୍ୟବସ୍ଥାକୁ ଗାଁ ସ୍ତର ପର୍ଯ୍ୟନ୍ତ ନେବାକୁ ହେବ ଏବଂ ସୀମାପାର ନଦୀ ସମ୍ପର୍କିତ ତଥ୍ୟକୁ ତୁରନ୍ତ ଆଦାନ ପ୍ରଦାନ କରିବାକୁ ହେବ । କାରଣ ବନ୍ୟାକୁ ସବୁବେଳେ ରୋକିହେବ ନାହିଁ, କିନ୍ତୁ ସମୟରେ ଚେତାବନୀ ଦେଇ ଅସଂଖ୍ୟ ଜୀବନ ବଂଚାଇ ହେବ । ଆଜି ରାସୁୱାର ଦୁଃଖ ଆମ ସମସ୍ତଙ୍କ ଦୁଃଖ । ତିବ୍ବତରୁ ନେପାଳ ପର୍ଯ୍ୟନ୍ତ ଧାଇଁ ଆସିଥିବା ଏହି ଜଳଧାରା ଆମକୁ ଏକ କଠିନ ସତ୍ୟ ଶିଖାଇଛି।ପ୍ରକୃତିକୁ ଆହ୍ୱାନ କରି ମଣିଷ ନିଜକୁ ବିଜେତା ଭାବିପାରେ, କିନ୍ତୁ ପ୍ରକୃତିର ଗୋଟିଏ ଅଚାନକ ଆଘାତ ସେହି ଅହଂକାରକୁ ମୁହୂର୍ତ୍ତରେ ଭାଙ୍ଗି ଦେଇ ପାରେ । ତେଣୁ ଏହି ବିପର୍ଯ୍ୟୟରୁ ଆମେ କେବଳ ଦୁଃଖ ପ୍ରକାଶ କରି ଫେରିଯିବା ନୁହେଁ; ଏହାରୁ ଶିଖିବାକୁ ହେବ । ହିମାଳୟକୁ ସୁରକ୍ଷିତ ରଖିବାକୁ ହେବ, ନଦୀକୁ ସମ୍ମାନ କରିବାକୁ ହେବ ଏବଂ ବିପଦ ପୂର୍ବରୁ ପ୍ରସ୍ତୁତ ହେବାକୁ ହେବ । ଆଜି ନେପାଳ । କାଲି କିଏ ? ଏହି ପ୍ରଶ୍ନର ଉତର ଖୋଜିବାର ସମୟ ଏବେ ।


ମୋ:୯୪୩୭୯୯୪୩୭୯

# ସାପ କାମୁଡା ବଢୁଛି - ବିଷ ଠାରୁ ଅଧିକ ଭୟଙ୍କର ଆମର ଅସଚେତନତା



ବର୍ଷା ଆସିଲେ ଓଡିଶାର ମାଟିରେ ଜୀବନ ଫେରେ, ଶୁଖିଲା ନଦୀ ଜଳରେ ଭରିଯାଏ, ପୋଖରୀ ଉଛୁଳିପଡେ, ଧାନକ୍ଷେତ୍ରରେ ସବୁଜିମା ଖେଳିଯାଏ, କିନ୍ତୁ ଏହି ସୁନ୍ଦର ବର୍ଷା ଋତୁ ସହ ଆମେ ଏକ ନୀରବ ବିପଦ-ସାପ କାମୁଡା । ଘରର ଚାଳତଳେ, ଧାନଗଦା ପାଖରେ, କାଠ ଗଦାରେ, ଜୋତା ଭିତରେ, ଘାସବଣରେ, ବିଲରେ, ଗୋଆଳଘରରେ କିମ୍ବା ବନ୍ୟାଜଳରୁ ଆଶ୍ରୟ ଖୋଜି ଘର ଭିତରେ ପଶିଯାଇଥିବା ସାପ କେବେ କାହାର ଜୀବନର ଶେଷ ଅଧ୍ୟାୟ ଲେଖଦେବ, ତାହା କେହି ଜାଣେନାହିଁ । ଓଡିଶା ପାଇଁ ଏହା କୌଣସି ନୂଆ ସମସ୍ୟା ନୁହେଁ, କିନ୍ତୁ ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ବିପଦର ଭୟ ପୁଣି ମୁଣ୍ଡ ଉଠାଏ । ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ସ୍ୱୀକାର କରିଛି ଯେ ବର୍ଷା ଋତୁରେ ମଣିଷ ଓ ସାପର ସଂସ୍ପର୍ଶ ବଢିଯାଏ ଏବଂ ଗ୍ରାମାଂଚଳର ଲୋକମାନେ ଅଧିକ ବିପଦରେ ରହନ୍ତି । ଓଡ଼ିଶାରେ ସାପ କାମୁଡାକୁ ରାଜ୍ୟ-ନିର୍ଦ୍ଦିଷ୍ଟ ବିପର୍ଯ୍ୟାୟ ଭାବେ ଘୋଷଣା କରାଯାଇଥିବା ତଥ୍ୟ ଏହି ସମସ୍ୟାର ଗମ୍ଭୀରତାକୁ ଆହୁରି ସ୍ପଷ୍ଟ କରେ, ପୂର୍ବର ରାଜ୍ୟ ତଥ୍ୟରେ ସାପ କାମୁଡାଜନିତ ମୃତ୍ୟୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟାୟର ମୃତ୍ୟୁଠାରୁ ମଧ୍ୟ ଅଧିକ ଥିବା ଦେଖାଯାଇଛି । ତେବେ ଏଠାରେ ସବୁଠାରୁ ବଡ ପ୍ରଶ୍ନ କେବଳ 'କେତେ ଲୋକଙ୍କୁ ସାପ କାମୁଡିଲା ?' ନୁହେଁ, ପ୍ରଶ୍ନ ହେଉଛି - କେତେ ଜୀବନକୁ ଆମେ ବଂଚାଇପାରିଥାନ୍ତୁ ? ଏକ ସାପ କାମୁଡିବା ଘଟଣାରେ ସବୁଠାରୁ ବଡ ଶତ୍ରୁ ସବୁବେଳେ ସାପର ବିଷ ନୁହେଁ, ଅନେକ ସମୟରେ ଅଜ୍ଞତା, କୁସଂସ୍କାର, ଚିକିତ୍ସାରେ ବିଳମ୍ବ ଏବଂ ଭୁଲ ପ୍ରାଥମିକ ପଦକ୍ଷେପ ମୃତ୍ୟୁର ଦ୍ୱାର ଖୋଲିଦିଏ । କେହି ସାପ କାମୁଡିଲେ ଓଝା ପାଖକୁ ନେବା, ଝଡଫୁଙ୍କା କରିବା, କ୍ଷତସ୍ଥାନ କାଟିଦେବା, ବିଷ ଚୁଷିବା, ଦଉଡି କିମ୍ବା ଅତ୍ୟାଧିକ କଷି ବାନ୍ଧିଦେବା, ଲଙ୍କା ହଳଦୀ କିମ୍ବା ଅନ୍ୟ ଘରୋଇ ଉପାୟ ଲଗାଇବା ଭଳି ଭୁଲ ଧାରଣା ଆଜି ମଧ୍ୟ କେତେକ ସ୍ଥାନରେ ଦେଖାଯାଏ । ଏହି ଅନ୍ଧବିଶ୍ୱାସ ଜୀବନକୁ ବଂଚାଏ ନାହିଁ, ବରଂ ଚିକିତ୍ସାର ମୂଲ୍ୟବାନ ସମୟ ଛିନିନିଏ । ସାପ କାମୁଡା ବିଷକ୍ରିୟା ଏକ ଚିକିତ୍ସାଜନିତ ଆପତ୍କାଳୀନ ସ୍ଥିତି, ଜାତୀୟ ସ୍ତରର ନିର୍ଦ୍ଦେଶିକାର ମୁଖ୍ୟ ଲକ୍ଷ୍ୟ ହେଉଛି ଶୀଘ୍ର ପରିଚୟ, ଉଚିତ ଚିକିତ୍ସା, ଆପତ୍କାଳୀନ ସେବା ଓ ପ୍ରତିବର୍ଷ ଔଷଧର ସୁବିଧାକୁ ଶକ୍ତିଶାଳୀ କରିବା । ତେଣୁ ସାପ କାମୁଡିଲେ ପ୍ରଥମ କାମ ହେଉଛି ଭୟରେ ସମୟ ନଷ୍ଟ ନକରି ଆହତ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଉପଯୁକ୍ତ ଚିକିତ୍ସାକେନ୍ଦ୍ରକୁ ପହଂଚାଇବା । ଆହତ ବ୍ୟକ୍ତିଙ୍କୁ ଶାନ୍ତ ରଖିବା, ଅନାବଶ୍ୟକ ଚଳାଚଳ କମାଇବା ଏବଂ ଚିକିତ୍ସାଳୟରେ ବିଳମ୍ବ ନକରିବା ଅତ୍ୟନ୍ତ ଜରୁରୀ । ସାପଟିକୁ ଧରିବା କିମ୍ବା ମାରିବା ପାଇଁ ଯିବା ମଧ୍ୟ ଅନ୍ୟ ଜଣଙ୍କ ଜୀବନକୁ ବିପଦରେ ପକାଇପାରେ, ସୁରକ୍ଷିତ ଦୂରତାରୁ ସୂଚନା ମିଳିଲେ ଚିକିତ୍ସକଙ୍କ ପାଇଁ ଉପଯୋଗୀ ହୋଇପାରେ, କିନ୍ତୁ ସାପକୁ ଧରିବା କିମ୍ବା ଛବି ନେବା ପାଇଁ ନିଜ ଜୀବନକୁ ବିପଦରେ ପକାଇବା ଉଚିତ ନୁହେଁ । ସବୁଠାରୁ ଦୁଃଖର କଥା, ସାପ କାମୁଡାରେ ମୃତ୍ୟୁ କେବଳ ଏକ ସଂଖ୍ୟା ନୁହେଁ । ଜଣେ ଚାଷୀ ମରିଲେ ତାଙ୍କ ଘରର ଆୟ ଅଟକିଯାଏ, ଜଣେ ମାଆ ମରିଲେ ପିଲାର ଦୁନିଆ ଅନ୍ଧାର ହୋଇଯାଏ, ଜଣେ ଯୁବକ ମରିଲେ ଏକ ପରିବାରର ଭବିଷ୍ୟତ ଅନିଶ୍ଚିତ ହୋଇଯାଏ । ତେଣୁ ପ୍ରତ୍ୟେକ ସାପ କାମୁଡା ଘଟଣାକୁ ଏକ ପରିବାରର ସମ୍ଭାବ୍ୟ ବିପର୍ଯ୍ୟାୟ ଭାବେ ଦେଖିବାକୁ ହେବ । ବର୍ଷାଦିନରେ ସାପ ନିଜ ଆଶ୍ରୟସ୍ଥଳ ଛାଡି ଉଚ୍ଚ ଓ ଶୁଖିଲା ସ୍ଥନେ ଖୋଜେ । ଏହି ସମୟରେ ଘର ଭିତରକୁ ମଧ୍ୟ ପଶିପାରେ । ସେଥିପାଇଁ ଘର ପାଖରେ ଅବ୍ୟବସ୍ଥିତ ଆବର୍ଜନା, ଘାସ, କାଠଗଦା ଓ ଅନ୍ଧାର ସ୍ଥାନ ନିୟମିତ ସଫା ରଖିବା ଆବଶ୍ୟକ । ରାତିରେ ବାହାରକୁ ଯିବାବେଳେ ଟର୍ଚ୍ଚ ବ୍ୟବହାର କରିବା, ଜୋତା ପିନ୍ଧିବା ପୂର୍ବରୁ ଯାଂଚ କରିବା, ଶୋଇବା ସ୍ଥାନକୁ ମାଟିରୁ ଯଥାସମ୍ଭବ ଉଚ୍ଚ ରଖିବା ଏବଂ ଘର ଚାରିପଟେ ସଫାସୁତରା ରଖିବା ଭଳି ସରଳ ସତର୍କତା ଝୁମ୍ପକୁ କମାଇପାରେ । କିନ୍ତୁ କେବଳ ଘରୋଇ ସତର୍କତା ଯଥେଷ୍ଟ ନୁହେଁ । ଗ୍ରାମାଂଚଳରେ ଦ୍ରୁତ ଚିକିତ୍ସା ପହଂଚିବା ଆବଶ୍ୟକ । ଜିଲ୍ଲା ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆପତକାଳୀନ ସେବା, ପ୍ରଶିକ୍ଷିତ କର୍ମଚାରୀ ଓ ଆବଶ୍ୟକ ପ୍ରତିବିଷ ଔଷଧର ଉପଲବ୍ଧତା ନିଶ୍ଚିତ କରିବା ଦରକାର । ଜାତୀୟ କାର୍ଯ୍ୟଯୋଜନାରେ ମଧ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ କ୍ଷମତା ବୃଦ୍ଧି, ଆମ୍ବୁଲାନ୍ସ ଓ ଆପତକାଳୀନ ସେବା ସୁଦୃଢ କରିବା, ଘଟଣାର ନିରୀକ୍ଷଣ ଓ ସମୁଦାୟ ସଚେତନତାକୁ ଗୁରୁତ୍ୱ ଦିଆଯାଇଛି । ଓଡିଶା ପାଇଁ ଏହା ଆହୁରି ଜରୁରୀ, କାରଣ ଗ୍ରାମ ଓ ଆଦିବାସୀ ଅଂଚଳରେ ହସ୍ପିଟାଲ ଦୂରତା, ଯାତାୟତ ସମସ୍ୟା ଓ କୁସଂସ୍କାର ଚିକିତ୍ସାରେ ବିଳମ୍ବ କରିପାରେ । ତେଣୁ ପ୍ରତ୍ୟେକ ଗାଁରେ ସାପ କାମୁଡା ସମ୍ପର୍କିତ ସଚେତନତା ଅଭିଯାନ ହେବା ଦରକାର । ବିଦ୍ୟାଳୟରେ ପିଲାମାନଙ୍କୁ ଶିଖାଯାଉ ସାପକୁ ଦେଖିଲେ ପଥର ଫିଙ୍ଗିବା ନୁହେଁ, ତାହାକୁ ଧରିବା ନୁହେଁ, ଉତ୍ତେଜିତ କରିବା ନୁହେଁ, ସୁରକ୍ଷିତ ଦୂରତା ରଖି ବଡମାନଙ୍କୁ ଜଣାଇବା । ଓଡିଶାରେ ସାପ ଉଦ୍ଧାର ପାଇଁ ପ୍ରଶିକ୍ଷିତ ଓ ପ୍ରମାଣିତ ବ୍ୟକ୍ତିଙ୍କ ବ୍ୟବସ୍ଥାକୁ ମଧ୍ୟ ଅଧିକ ସୁଦୃଢ କରିବା ଦରକାର, ରାଜ୍ୟର ନିର୍ଦ୍ଦେଶିକା ଅନୁଯାୟୀ ମଣିଷର ବସତିରେ ବିପଦ ସୃଷ୍ଟି କରୁଥିବା ସାପଙ୍କ ଉଦ୍ଧାର ପ୍ରଶିକ୍ଷିତ ବ୍ୟକ୍ତିଙ୍କୁ ମାଧ୍ୟମରେ କରାଯିବା ଉଚିତ । ସାପ ଆମ ଶତ୍ରୁ ନୁହେଁ । ସେ ପ୍ରକୃତିର ଏକ ଅଂଶ । ମୂଷା ନିୟନ୍ତ୍ରଣରେ ସାପର ଭୂମିକା ରହିଛି, ପରିବେଶର ସନ୍ତୁଳନରେ ମଧ୍ୟ ତାହାର ଅବଦାନ ଅଛି । ତେଣୁ ପ୍ରତ୍ୟେକ ସାପକୁ ଦେଖିଲେ ମାରିଦେବା ମାନସିକତା ବଦଳାଇବା ଦରକାର । ଭୟ ନୁହେଁ, ସଚେତନତା ଦରକାର, ହିଂସା ନୁହେଁ, ସୁରକ୍ଷିତ ଦୂରତା ସରକାର । ଆଜି ଯେଉଁ ସମୟରେ ସମଗ୍ର ଦେଶରେ ସାପ କାମୁଡା ପ୍ରତିରୋଧ ଓ ଚିକିତ୍ସାକୁ ନେଇ ଜାତୀୟ କାର୍ଯ୍ୟାଯୋଜନା ରହିଛି, ସେତେବେଳେ ଆମର ଲକ୍ଷ୍ୟ ହେବା ଉଚିତ ଏହି ଯୋଜନାର ଲାଭ ଶେଷ ଗାଁର ଶେଷ ମଣିଷ ପର୍ଯ୍ୟନ୍ତ ପହଂଚାଇବା । କାରଣ ହସ୍ପିଟାଲରେ ଔଷଧ ରହିଲା, କିନ୍ତୁ ଗାଁର ଲୋକ ହସ୍ପିଟାଲକୁ ପହଂଚିଲେ ନାହିଁ-ତେବେ ବ୍ୟବସ୍ଥା ଅସମ୍ପୂର୍ଣ୍ଣ, ସଚେତନତା ହେଲା, କିନ୍ତୁ କୁସଂସ୍କାର ରହିଗଲା-ତେବେ ଅଭିଯାନ ଅସଫଳ, ଆମ୍ବୁଲାନ୍ସ ଅଛି, କିନ୍ତୁ ଡାକିବାରେ ବିଳମ୍ବ ହେଲା- ତେବେ ଜୀବନ ବଂଚିବାର ସୁଯୋଗ କମିଯାଏ । ତେଣୁ ସାପ କାମୁଡା ବିରୋଧରେ ଲଢେଇ ଏକ ସମନ୍ୱିତ ଲଢେଇ ହେବା ଦରକାର-ପରିବାରର ସତର୍କତା, ଗାଁର ସଚେତନତା, ପ୍ରଶାସନର ପ୍ରସ୍ତୁତି, ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦକ୍ଷତା ଓ ବୈଜ୍ଞାନିକ ଚିକିତ୍ସାର ନିଶ୍ଚିତତା -ଏହି ପାଂଚଟି ହାତ ଏକାଠି ହେଲେ ମୃତ୍ୟୁର ହାରକୁ ନିଶ୍ଚିତ ଭାବେ କମାଇହେବ । ଆମେ ବନ୍ୟା ପାଇଁ ପ୍ରସ୍ତୁତ ହେଉ, ବାତ୍ୟା ପାଇଁ ପ୍ରସ୍ତୁତ ହେଉ, ବଜ୍ରପାତ ପାଇଁ ସତର୍କ ହେଉ, ତେବେ ସାପ କାମୁଡାରେ ମଧ୍ୟ ସେହି ଗମ୍ଭୀରତାରେ ନେବାକୁ ହେବ । କାରଣ ଏହି ବିପଦ ଅନେକ ସମୟରେ ଆମ ଦୁଆର ପାଖରେ ଆସି ଠିଆ ହୁଏ । ଏହା ଏମିତି ଏକ ମୃତ୍ୟୁ, ଯାହାକୁ ଅନେକ କ୍ଷେତ୍ରରେ ସମୟୋପଯୋଗୀ ଚିକିତ୍ସା ଓ ସଚେତନତାରେ ରୋକାଯାଇପାରେ । ତଣୁ ଆଉ ଗୋଟିଏ ମାଆ ନିଜ ପୁଅକୁ ହରାଇ କାନ୍ଦନ୍ତୁ ନାହିଁ, ଆଉ ଗୋଟିଏ ପିଲା ନିଜ ବାପାଙ୍କୁ ହରାଇ ଅନାଥ ହେଉନାହିଁ, ଆଉ ଗୋଟିଏ ଘରର ଚୁଲି ଜଳିବା ବନ୍ଦ ହେଉନାହିଁ । ଆଜି ଆମ ସମସ୍ତଙ୍କୁ ଗୋଟିଏ କଥା ମନେ ରଖିବାକୁ ହେବ-ସାପକୁ ଦେଖି ଭୟରେ ଦୌଡନ୍ତୁ ନାହିଁ, ସାପ କାମୁଡିଲେ ଭୟରେ ସମୟ ହରାନ୍ତୁ ନାହିଁ । ଅନ୍ଧବିଶ୍ୱାସକୁ ନୁହେଁ, ବିଜ୍ଞାନକୁ ବାଛନ୍ତୁ, ବିଳମ୍ବକୁ ନୁହେଁ, ତୁରନ୍ତ ଚିକିତ୍ସାକୁ ବାଛନ୍ତୁ, ଭୟକୁ ନୁହେଁ, ସଚେତନତାକୁ ବାଛନ୍ତୁ । କାରଣ ସାପ ବିଷ ଏକ ଜୀବନ ନେଇପାରେ, କିନ୍ତୁ ଆମର ଅସେଚତନତା ସମଗ୍ର ପରିବାରକୁ ଅନ୍ଧକାରରେ ଠେଲିଦେଇପାରେ । ତେଣୁ ଏବେ ସମୟ ଆସିଛି-ସପେ କାମୁଡାକୁ କେବଳ ଗ୍ରାମର ଦୁଃଖଦ ଘଟଣା ନୁହେଁ, ଏକ ଗୁରୁତ୍ୱର ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଶ୍ନ ଭାବେ ଦେଖିବାର । ଜୀବନ ବଂଚାଇବାର ଲଢେଇରେ ପ୍ରତ୍ୟେକ ସେକେଣ୍ଡ ମୂଲ୍ୟବାନ, ପ୍ରତ୍ୟେକ ସଚେତନ ମଣିଷ ମୂଲ୍ୟବାନ ଏବଂ ପ୍ରତ୍ୟେକ ବଂଚିଥିବା ଜୀବନ ହେଉଛି ଆମ ସମାଜର ସବୁଠାରୁ ବଡ ବିଜୟ ।








# ଝୁଲଣ ଯାତ୍ରା ଓ ରାଖୀ ପୂର୍ଣ୍ଣିମା

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶ୍ରୀମନ୍ଦିରରେ ଏହି ଝୁଲଣ ଯାତ୍ରା ଶ୍ରାବଣ ଦଶମୀ ଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ପାଳନ କରାଯାଇଥାଏ । ଶ୍ରୀକୃଷ୍ଣଙ୍କର ଶ୍ରୀରାଧା ଓ ଗୋପୀମାନଙ୍କ ସହିତ ବିଳାସମୟ ଦୋଳିଖେଳ । ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର ସେବା ସମସ୍ତ ଦେବତାଗଣ, ମନୁଷ୍ୟ ଓ ଗୋପୀମାନେ ପାଇବା ଦେଖି ଗନ୍ଧର୍ବମାନେ ମଧ କିଛି ସେବା ପାଇଁ ପ୍ରାର୍ଥନା କଲେ । ସେ ଅନୁସାରେ ଏକ ସୁନ୍ଦର ଝିଲମିଲ ଜରିଜମ୍ଭୁରାରେ ତିଆରି ଗୋଟିଏ କୁଞ୍ଜରେ ରାଧା ଓ କୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲାଇବାର ସେବା ସେମାନଙ୍କୁ ମିଳିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରେ ଏହା ଶ୍ରୀମନ୍ଦିରରେ ପ୍ରଥମେ ପାଳନ କରାଯାଇଥିଲା । ଶ୍ରୀମନ୍ଦିରରେ ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ୍ରା ସୂଚନା ଦେଉଛି । ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ । ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବା ବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରିଛନ୍ତି । ଶ୍ରୀମନ୍ଦିର ଭିତର ବେଢ଼ାର ଦକ୍ଷିଣ ପଟେ ମୁକ୍ତ ମଣ୍ଡପ ନିକଟରେ ଝୁଲଣ କୁଞ୍ଜ ନିର୍ମିତ ହୋଇଥାଏ । ୪୫ ଫୁଟ ଲମ୍ବ ଓ ପନ୍ଦର ଫୁଟ ଉଚ୍ଚତା ବିଶିଷ୍ଟ ଏହି କୁଞ୍ଜଟିର ଛାତ କାଠରେ ହୋଇଥିବା ବେଳେ ଏହାକୁ ଜରି, ସୋଲ ଓ କପଡ଼ାରେ ସଜ୍ଜିତ



କରାଯାଇଥାଏ । ଏହି ଝୁଲା ସହ ଗୋଟିଏ ଦଉଡି ଲାଗିଥାଏ, ଯାହାକୁ ଟାଣିଲେ ଝୁଲା ସହ ପ୍ରତିମା ତ୍ରୟ ଝୁଲନ୍ତି । ମଧ୍ୟାହ୍ନ ଧୂପ ନୀତି ପରେ ଶ୍ରୀମନ୍ଦିର ଦକ୍ଷିଣ ଘର ବାରଣ୍ଡାରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ବେଶ କରାଯାଇ ଭୋଗ ଅର୍ପଣ ହୁଏ । ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଦିଆଯିବା ପରେ ତିନିଜଣ ମହାଜନ ସେବକ (ବିମାନ ବଡୁ ସେବାୟତ) ପ୍ରତିମା ମାନଙ୍କୁ ଜଗମୋହନ ଓ ବଟଦ୍ୱାର ଦେଇ ଝୁଲଣ କୁଞ୍ଜର ଭିତର ଝୁଲାରେ ବିଜେ କରାନ୍ତି । ଝୁଲଣରେ ପଂଚୋପଚାର ପୂଜା ଖଇକୋରୀ ଭୋଗ କରାଯିବା ପରେ ରତ୍ନ ସିଂହାସନସ୍ଥ ବିଗ୍ରହମାନଙ୍କର ଚନ୍ଦନ ଲାଗି ସମୟ ଯାଏଁ ପ୍ରତିମାମାନେ ଏହି ଝୁଲଣରେ ଅବସ୍ଥାନ କରନ୍ତି । ତାହାପରେ ପିତୁଳ ଗୁଡ଼ିକ ଫେରାଇ ନିଆଯାଏ । ଏକାଦଶୀ ଦିନ ମଦନମୋହନଙ୍କ ବେଢ଼ା ପରିକ୍ରମା ସ୍ୱାଭାବିକ ଭାବରେ ଅନୁଷ୍ଠିତ ହେଇ, ପରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଝୁଲଣ ମଣ୍ଡପକୁ ବିଜେ କରାଯାଏ । ଶେଷ ଦିନ ଘଂଟି, ଶଙ୍ଖ ସହ ପଂଚୋପଚାର ପୂଜା ଓ ବନ୍ଦାପନା କରାଯିବା ପରେ ବେଢ଼ା ବୁଲି ସିଂହାସନରେ ବିଜେ ହୁଅନ୍ତି । ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧା ଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂର ଦୂରାନ୍ତରୁ ଭକ୍ତମାନେ ପୁରୀରେ ଭିଡ଼ ଜମାନ୍ତି । କୀର୍ତନ, ଭଜନରେ ମନ୍ଦିର ଉଲ୍ଲସିତ ହୋଇ ଉଠେ । ଏହା ଶ୍ରୀମନ୍ଦିର ସହ ପ୍ରାୟ ସମସ୍ତ ରାଧାକୃଷ୍ଣ ମନ୍ଦିରରେ ଅଧିକାଂଶ ମଠରେ ପାଳନ କରାଯାଇଥାଏ । ରାଖୀ ପୂର୍ଣ୍ଣିମା ଗହ୍ମା ପୂର୍ଣ୍ଣିମା ଭାବେ ମଧ ଜଣାଶୁଣା । ଏହିଦିନ ଭଉଣୀମାନେ ଭାଇଙ୍କୁ ବନ୍ଦାପନା କରି ସେମାନଙ୍କ ହସ୍ତରେ ସ୍ନେହର ରାଖୀ ବାନ୍ଧନ୍ତି । ରାଖୀ ସୁରକ୍ଷାର ପ୍ରତୀକ । ଭାଇମାନେ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଭଉଣୀମାନେ ଭାଇଙ୍କ ହାତରେ



ରାଖୀ ବାନ୍ଧିଥାନ୍ତି । ଗୃହସ୍ଥମାନେ ଗାଈ, ବଳଦ, ମଇଁଷି ପ୍ରଭୃତି ଗୃହପାଳିତ ପଶୁଙ୍କ ବେକରେ ବା ଶିଙ୍ଗରେ ରାଖୀ ପିନ୍ଧାଇ ଦିଅନ୍ତି । ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମଦିନ ଏହିଦିନ ହୋଇଥିବାରୁ ଶ୍ରୀମନ୍ଦିରରେ ଧୂମଧାମରେ ଏହି ପର୍ବ ପାଳନ ହୁଏ । ଭଉଣୀ ସୁଭଦ୍ରା ମଧ ଦୁଇ ଭାଇ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ରାଖୀ ବାନ୍ଧିବାର ପରମ୍ପରା ରହିଛି । ରାଖୀ ପୂର୍ଣ୍ଣିମାକୁ ନେଇ ବିଭିନ୍ନ ପୌରାଣିକ ଓ ଐତିହାସିକ କିମ୍ବଦନ୍ତୀ ପ୍ରଚଳିତ ଅଛି । ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ରକ୍ଷାବନ୍ଧନର ବିଧାନ ଓ ଉଦ୍ଦେଶ୍ୟାଦି ସମ୍ବନ୍ଧରେ କହିବାକୁ ଅନୁରୋଧ କରିବାରୁ କୃଷ୍ଣ କହିଲେ ଶ୍ରାବଣ ପୂର୍ଣ୍ଣିମା ଦିନ ସ୍ନାନାଦି କରି ପିତୃପୁରୁଷଙ୍କୁ ତର୍ପଣ କରିବ । ଘରକୁ ଗୋବର ପ୍ରଭୃତିରେ ଲିପୋପୋଛା କରି ମଣ୍ଡଳ ତିଆରି କରିବ । ତତ୍ପରେ ଘଟ ସ୍ଥାପନ କରି ମନ୍ତ୍ର ଉଚ୍ଚାରଣ ପୂର୍ବକ ଦକ୍ଷିଣ ହସ୍ତରେ ରାଖୀ ବାନ୍ଧିଲେ ଏକବର୍ଷ ପାଇଁ ମନୁଷ୍ୟ ସମସ୍ତ ପ୍ରକାର ବିପଦରୁ ରକ୍ଷାପାଏ । ଜୟ, ସୁଖ, ପୁତ୍ର, ଧନାଦି ସକଳ ସୌଭାଗ୍ୟ ଏହା ମଣିଷଙ୍କୁ ପ୍ରଦାନ କରେ । ଏହାବ୍ୟତୀତ ପାଣ୍ଡବଙ୍କ ମାତା କୁନ୍ତୀ କୌରବଙ୍କ କବଳରୁ ନିଜର ପୁତ୍ରଙ୍କୁ ରକ୍ଷା କରିବାର ଦାୟିତ୍ୱ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରି ସେହି ଉପଲକ୍ଷେ ରାଖୀ ପିନ୍ଧାଇ ଦେଇଥିଲେ ବୋଲି ମହାଭାରତରେ ଉଲ୍ଲେଖ ଅଛି । ଗୋପୀମାନେ ମଧ ସମସ୍ତ ପ୍ରକାର ବିପଦରୁ ବାଳକ ଶ୍ରୀକୃଷ୍ଣଙ୍କୁ ରକ୍ଷା କରିବା ପାଇଁ ଅଭିମନ୍ତ୍ରିତ ରାଖୀ ତାଙ୍କ ହାତରେ ବାନ୍ଧି ଦେଇଥିଲେ । ଦ୍ରୌପଦୀଙ୍କୁ ନିଜର ଭଉଣୀ ସ୍ନେହ ଦେଇ ଥିଲେ ଶ୍ରୀକୃଷ୍ଣ । କୃଷ୍ଣ ଶିଶୁପାଳଙ୍କୁ ମାରିବା ସମୟରେ ତାଙ୍କ ହାତ ଆଙ୍ଗୁଠିରେ ହୋଇଥିବା କ୍ଷତକୁ ନିଜ ଶାଢ଼ୀରୁ କିଛି ଅଂଶ ଚିରି ବାନ୍ଧି ଦେଇଥିଲେ । ଏହି ଉପକାର ବଦଳରେ କୃଷ୍ଣ ଦ୍ରୌପଦୀଙ୍କୁ ଦୁଃଶାସନ ବସ୍ତ୍ରହରଣ ସମୟରେ କୋଟି ବସ୍ତ୍ର ଦେଇ ଶୁଝିଥିଲେ । ପ୍ରଭୁ ବଳରାମଙ୍କର ମାୟାବୀ ଅସୁର ସହ ଯୁଦ୍ଧ ହେଉଥିବା ବେଳେ ରାଖୀ ପୂର୍ଣ୍ଣିମା ଦିନ ଜାତି ନିର୍ବିଶେଷରେ ସମସ୍ତେ କାନ୍ଧରେ ପଇତା ପକାଇ ନିଜର ଜୀବନ ରକ୍ଷା କରିଥିବାରୁ ସେଦିନଠାରୁ ବ୍ରାହ୍ମଣମାନେ ଏହିଦିନ ଅନ୍ୟ ସମସ୍ତଙ୍କୁ ରାଖୀ ସହ ପଇତା ଦେବାର ପ୍ରଥା ରହିଛି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ : ୯୪୩୭୦୩୧୨୫୩*

# ଗହ୍ମା ପୁନେଇଁ ଓ ଝୁଲଣ

ଶ୍ରାବଣ ମାସରେ ପାଳିତ ହେଉଥିବା ପୂର୍ଣ୍ଣିମାକୁ ଗୋ-ପୂର୍ଣ୍ଣିମା ବା ଗହ୍ମା ପୁନେଇଁ ବା ଝୁଲଣ ପୁନିଅଁ ବା ରାଖୀ ପୂର୍ଣ୍ଣିମା କୁହାଯାଏ । ଉତ୍କଳୀୟ ସଂସ୍କୃତିରେ ଏହି ଦିନକୁ ବଳରାମଙ୍କ ଜନ୍ମ ଦିବସ ଭାବେ ଗ୍ରହଣ କରାଯାଇଛି । ଏହି ଦିନରେ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ବଳରାମଙ୍କୁ ପୂଜା କରିବା ସଂପୂର୍ଣ୍ଣ ଓଡ଼ିଆ ପରମ୍ପରା । ବଳରାମ ହେଉଛନ୍ତି ବିଷ୍ଣୁଙ୍କ ଅଷ୍ଟମ ଅବତାର ଏବଂ ଚାଷର ଦେବତା । ଏଣୁ ବଳରାମଙ୍କ ପ୍ରତୀକ ଭାବେ ଗାଈ-ଗୋରୁ ମୁଖ୍ୟତଃ ବଳଦମାନଙ୍କୁ ପୂଜା କରାଯାଏ । ଏକଦା ଧନୀ-ଦରିଦ୍ର ନିର୍ବିଶେଷରେ ଗ୍ରାମବାସୀମାନେ ଗାଁର ଶେଷ ମୁଣ୍ଡରେ ମାଟିରେ ବିରାଟକାୟ ସ୍ତୂପ ବା ଗହ୍ମା ବେଦି ତିଆରି କରି ଏବଂ ତାହାକୁ ବଳଦେବ ଭାବେ ଗ୍ରହଣ କରି ପୂଜା କରୁଥିଲେ । ଭୋଗ ସାମଗ୍ରୀ ଗ୍ରାମବାସୀଙ୍କ ମଧରେ ବଂଟନ କରାଯାଉଥିଲା ।



ପୁଣି ଘରେ ଗରେ ଗାଈ-ଗୋରୁଙ୍କୁ ସ୍ନାନ କରାଇ, ସିନ୍ଦୂର ଚନ୍ଦନାଦି ଲଗାଇ ପୂଜା କରି ଖଜା-ପିଠା ଖାଇବାକୁ ଦିଆଯାଉଥିଲା । ପୁରୁଣା କାଳରେ ପାଇକ ପୁଅମାନେ ଏହି ଦିନଟିକୁ ଅତ୍ୟନ୍ତ ଶୁଭ ମନେକରି ଯୁଦ୍ଧ ବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ । ଏକ ଉଚ୍ଚ ସ୍ଥାନରୁ ତଳକୁ ଲମ୍ଫ ପ୍ରଦାନ କରି ନିଜ ଶୌର୍ଯ୍ୟକୁ ପ୍ରମାଣିତ କରୁଥିଲେ । ଗହ୍ମା-ଡିଆଁ ଏବେବି ବିଭିନ୍ନ ରୂପରେ ଓଡ଼ିଶାର କେତେକ ଅ□ଳରେ ତିଷ୍ଠି ରହିଛି । ଆଜିକାଲି ଗହ୍ମା ପୂନେଇଁରେ ଗୋ ପୂଜନ କିଛି ପରିମାଣରେ ଲୋକପ୍ରିୟତା ହରାଇ ଥିବା ଜଣାଯାଏ । ସଂପ୍ରତି ଗୋପୂଜନ ବଦଳରେ ଆମେ ରକ୍ଷା ସୂତ୍ର ବନ୍ଧନକୁ ଅଧିକ ଗୁରୁତ୍ୱ ଦେଉଛେ । ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିର ସମେତ ଓଡ଼ିଶାର ଅଧିକାଂଶ ଅ□ଳରେ ଝୁଲଣ ଯାତ୍ରା ସମାପନ କରାଯାଏ । ଠାକୁରମାନଙ୍କୁ ଦୋଳିରେ ବସାଇ ଝୁଲାଇବା ହେଉଛି ଝୁଲଣ ଯାତ୍ରା । ସାଧାରଣତଃ ରାଧାକୃଷ୍ଣ ମନ୍ଦିର ମାନଙ୍କରେ ଏହି ଯାତ୍ରା ମହା ଆଡ଼ମ୍ବରରେ ପାଳିତ ହୁଏ । ଶ୍ରାବଣ ମାସ ଶୁକ୍ଳ ପକ୍ଷ ଏକାଦଶୀରୁ ଆରମ୍ଭ ହେଉଥିବା ଏହି ଯାତ୍ରା ପୂର୍ଣ୍ଣିମାରେ ଶେଷ ହୁଏ । ପୁରୀ ବଡ଼ ଦେଉଳରେ ଝୁଲଣ ମଣ୍ଡପରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧିତ୍ୱ କରିଥାଆନ୍ତି ଶ୍ରୀମଦନମୋହନ । ଏମିତି ଏକାଧିକ ଧାର୍ମିକ ଅନୁଷ୍ଠାନମାନ ପାଳିତ ହେଉ ଥିବାରୁ ଶ୍ରାବଣ ପୂର୍ଣ୍ଣିମା ଆମ ସଂସ୍କୃତିରେ ବେଶ୍ ଗୁରୁତ୍ୱପୂର୍ଣ୍ଣ



# ମମତାର ମୂକସାକ୍ଷୀ

◆ରାମଚନ୍ଦ୍ର ବେହେରା

ଶ୍ରାବଣ ପୁନେଇଁ ପବିତ୍ର ତିଥିରେ
ଆସିଛି ରାଖୀ ପରବ
ସମ୍ପର୍କର ଏହି ମହାନ ପରବ
ଆମ ଦେଶର ଗୌରବ ।
ଅତି ଶରଧାରେ ଭଉଣୀ ବାନ୍ଧିବ
ଭାଇ ହାତେ ପୂଣ୍ୟ ରାଖୀ
ମସ୍ତକେ ଲଗାଇ ଚନ୍ଦନ ସିନ୍ଦୂର
କରିବ ଧୂପ ଆଳତି ।
ଭାଇର ଜୀବନେ ନଆସୁ ବିପତି
ମନେ ଶୁଭ ମନାସିବ
ଦୁଃସମୟେ ତା'ର ସାହା ହେବା ପାଇଁ
ଭାଇକୁ ଅଳି କରିବ ।
ଶ୍ରଦ୍ଧାର ପ୍ରତୀକ ଉପହାରଟିଏ
ଭଉଣୀର ହାତେ ଦେଇ
ତା' ରକ୍ଷା କବଚ ସାଜିବ ଜୀବନେ
ପ୍ରତିଶୃତି ଦେବ ଭାଇ ।
ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଂକ ହାତେ ପାଂଚାଳୀ
କୋଟି ବସ୍ତ୍ର ଦେଇ ରକ୍ଷା କରିଥିଲେ
ଦ୍ରୌପଦୀଂକୁ ଚକ୍ରଧାରୀ ।
ସୁଭଦ୍ରା ଭଉଣୀ ବାନ୍ଧିଥାନ୍ତି ରାକ୍ଷୀ
କାଳିଆ ବଳିଆ ହାତେ
ଖୁସିହୋଇ ପ୍ରଭୁ ଗେହ୍ଲୀ ଭଉଣୀକୁ
ନେଇଥାନ୍ତି ରଥ ଯାତେ ।
ରଂଗ ବେରଂଗର ରେଶମ ଡୋରୀଟି
ମମତାର ମୂକସାକ୍ଷୀ
ଭାଇ ଭଉଣୀର ପବିତ୍ର ସମ୍ପର୍କ
ବାନ୍ଧି ରଖିଥାଏ ରାକ୍ଷୀ ।
ରାକ୍ଷୀ ପୁନେଇଁରେ ଗୋ'ମାତାଂକ ପୂଜା
କରନ୍ତି ରାଇଜ ଜନେ
ସ୍ନେହ ଶ୍ରଦ୍ଧା ଭରା ପବିତ୍ର ଦିନଟି
ଖୁସି ଭରିଦିଏ ମନେ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# 'ରକ୍ଷାବନ୍ଧନ'



◆ କାଳି ଦାସ

ଭାଇ ଭଉଣୀଙ୍କ ସ୍ନେହର ନିଦର୍ଶନ ହେଲା ରକ୍ଷାବନ୍ଧନ ।ସମୟର ସ୍ରୋତରେ ଭାଇ ଭଉଣୀ ନିଜ ନିଜର ସଂସାରର ଦୁଃଖ ସୁଖ ଭିତରେ ବୁଡିଯାଇଛନ୍ତି ।ପରିଚୟ ବଦଳି ଯାଇଛି, ଆବଶ୍ୟକତା ମଧ ଅଲଗା ହୋଇ ଯାଇଛି, ଅନେକ ସମସ୍ୟା ଦେଇ ଗତିକରିଛନ୍ତି ।ବୟସର ଚାବୁକ ଖାଇ ମଜବୁତ ହୋଇଛନ୍ତି କିନ୍ତୁ ଭିତରେ କେଉଠି ନା କେଉଠି ସେହି ଶୈଶବ ଲୁଚି ରହିଛି ।"ରାକ୍ଷୀ" ଆସିଗଲେ ପୁଣି ମନେପଡେ ସେହିଶୈଶବ, ଯେତେବେଳେ ସେମାନେ ଏକାଠି ବଢିଛନ୍ତି, ଖାଇଛନ୍ତି, ଖେଳିଛନ୍ତି ଝଗଡା ମଧ କରିଛନ୍ତି ।ଯେଉଁ ଜୀବନ କୁ ସେମାନେ ପଛ ରେ ଛାଡି ଦେଇ ଆଗେଇ ଆସିଛନ୍ତି ରାକ୍ଷୀ ପୂର୍ଣ୍ଣିମା ସେହି ସବୁ ସ୍ମୃତି କୁ ସାଉଂଟି ନେଇ ରାକ୍ଷୀ ର ରଙ୍ଗୀନ ସୂତାରେ ବାନ୍ଧି ସତେ ଯେମିତି ଭାଇ ଭଉଣୀଙ୍କ ଆଗରେ ଅଜାଡି ଦିଏ । ଚତୁର୍ମାସ୍ୟାର ପ୍ରଥମ ମାସ ହେଲା ଶ୍ରାବଣ ମାସ ଏବଂ ଶ୍ରାବଣ ମାସର ପୂର୍ଣ୍ଣିମା କୁ ଆମେ ରାକ୍ଷୀ ପୂର୍ଣ୍ଣିମା ରୂପେ ପାଳନ କରୁ ।ଶ୍ରାବଣ ପୂର୍ଣ୍ଣିମା କୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ କହିଥାଉ ।ଶ୍ରାବଣ ପୂର୍ଣ୍ଣିମା ହେଉଛି ବଳଦେବଙ୍କ ଜନ୍ମଦିନ ।ବଳଦେବ ଙ୍କୁ ହଲଧର ମଧ କୁହାଯାଏ ।ଶ୍ରାବଣ ପୂର୍ଣ୍ଣିମାରେ ହଳଲଙ୍ଗଳ କୁ ପୂଜା କରାଯାଏ ।ଭଗବାନ ଶ୍ରୀ କୃଷ୍ଣ ଓ ଭଗବାନ ବଳରାମ ଉଭୟେ ଏହି ଅବତାରରେ ଗାଈ ସହିତ ଜଡିତ ଥିଲେ । ବୃନ୍ଦାବନରେ ଭଗବାନ ଶ୍ରୀ କୃଷ୍ଣ ଏବଂ ଭଗବାନ ବଳରାମ ଗାଈ ଚରେଇବାର ଉଲ୍ଲେଖ ରହିଛି ତେଣୁ ବଳରାମଙ୍କ ପ୍ରିୟ ଗାଈ , ବାଛୁରି ଓ ବଳଦ କୁ ଏହି ଦିନରେ ପୂଜା କରାଯାଇଥାଏ ପିଠା ଖୁଆ ଯାଇଥାଏ । ଭାରତୀୟ ସଂସ୍କୃତିରେ କୃଷି ଓ ଗାଈ ଉଭୟଙ୍କର ମହତ୍ୱ ରହିଛି ।ଜନବସତି କହିଲେ ଆମେ ବୁଝୁ ଗୋଟିଏ ଗାଁ ଯାହାର ଚାରି ପଟେ ଧାନ କ୍ଷେତ, ସକାଳେ ଗାଁ ରୁ ବହୁରିଥିବା ଗାଈ ପଲ ଓ ଗୋଧୂଳି ବେଳା ରେ ଚରି ଫେରି ଆସୁଥିବା ଗାଈ ଦଳ ଏବଂ ତାଙ୍କ ପଛରେ ଲମ୍ବା ବାଡି ଧରି ଓଡଉଥିବା ଗୌଡ଼ ।ଗାଁର ସେହି ଛବି ଧୀରେ ଧୀରେ ବଦଳି ଯାଉଛି କିନ୍ତୁ ଆମ ସଂସ୍କୃତିରେ ଗାଈ ଓ କୃଷିର ମହତ୍ୱ ସବୁ ଦିନ ରହିଛି । ଶ୍ରାବଣ ପୂର୍ଣ୍ଣିମା ଆସିବା ପୂର୍ବ ରୁ ଦୋକାନ ବଜାରରେ ରଙ୍ଗ ବେରଙ୍ଗର ରାକ୍ଷୀ ଦେଖିବା କୁ ମିଳିଥାଏ । ଦୂରରେ ଥିବା ଭାଇ ପାଇଁ ଭଉଣୀ ମାନେ ବହୁ ଆଗରୁ ରାକ୍ଷୀ କିଣି ପଠାଇଥାନ୍ତି । ଭଉଣୀ ପଠାଇଥିବା ରାକ୍ଷୀ କୁ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇ ମାନେ ହାତରେ ବାନ୍ଧିଥାନ୍ତି । ରାକ୍ଷୀ ବାନ୍ଧିବା ପଛରେ ଭହୁଣୀର ଭାଇ ପାଇଁ



ରହି ଥିବା ସ୍ନେହ ଜଣା ପଡେ । ଭଉଣୀ ଭାଇର ରକ୍ଷା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ ତା ସହିତ ଭଉଣୀର ରକ୍ଷା ପାଇଁ ଭାଇ ମଧ ଆଗଭର ହେବ ବୋଲି ବଚନବଦ୍ଧ ହୋଇଥାଏ । ରାଜପୁତ ରାଣୀ କର୍ଣ୍ଣବତି ୧୫୩୪ ଶତାବ୍ଦୀରେ ମୋଗଲ ସମ୍ରାଟ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇଥିଲେ ।ରାଣୀ କର୍ଣ୍ଣବତି ଚିତୋରର ରାଜା ରାଣା ସଂଗ୍ରାମ ସିଂଙ୍କ ପତ୍ନୀ ଥିଲେ ।ରାଜା ସଂଗ୍ରାମ ସିଂଙ୍କ ମୃତ୍ୟୁ ପରେ ତତ୍କାଳୀନ ଗୁଜରାଟର ଶାସକ ସୁଲତାନ ବାହାଦୁର ସାହା ଚିତୋର କୁ ଆକ୍ରମଣ କରିଥିଲେ । ରାଣୀ କର୍ଣ୍ଣବତି ଜାଣିଥିଲେ ଯେ ବାହାଦୁର ସାହାଙ୍କ ଶକ୍ତି ଆଗରେ ଚିତୋରର ଶକ୍ତି କମ ତେଣୁ ହ୍ୟୁମାଉନଙ୍କ ପାଖ କୁ ରାକ୍ଷୀ ପଠାଇ ଜଣେ ଭଉଣୀର ଧର୍ମ ପାଳନ କରିଥିଲେ । ହ୍ୟୁମାଉନ ରାକ୍ଷୀ ପାଇବା ସଙ୍ଗେ ସଙ୍ଗେ ଭଉଣୀର ରାଜ୍ୟ କୁ ବଂଚେଇବା ପାଇଁ ଚିତୋର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ହ୍ୟୁମାଉନଙ୍କ ପହଂଚିବା ଡେରି ହୋଇଯାଇଥିଲା । ଚିତୋରର ରାଜପୁତ ମାନେ ନିଜର ପ୍ରାଣ ବଳି ଦେଇ ଯୁଦ୍ଧ କରିଥିଲେ ଏବଂ ରାଣୀ କର୍ଣ୍ଣବତି ଜହରବ୍ରତ ପାଳନ କରିସାରିଥିଲେ । ଏହି ପରମ୍ପରା କୁ ଆଖିରେ ରଖି ଆଜି ମଧ ମହିଳା ମାନେ ରାଜନେତା, ସମାଜ ସେବକ ଓ ଅନ୍ୟ କ୍ଷମତା ଶୀଳ ବ୍ୟକ୍ତି ଯେମିତି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧି ଥାନ୍ତି । ରାକ୍ଷୀ ପର୍ବ କୁ ମୁଖ୍ୟତଃ ଜୈନ ଧର୍ମର ଲୋକ ଏବଂ ହିନ୍ଦୁ ଧର୍ମର ଲୋକମାନେ ପାଳନ କରିଥାନ୍ତି ।ସହର ବଜାରର ମିଠା ଦୋକାନ,ଫଳ ଦୋକାନ ଗୁଡିକରେ ରାକ୍ଷୀ ପୂର୍ଣ୍ଣିମା ଆସିଗଲେ ଭିଡ ଜମିଯାଏ । ଲୋକମାନେ ମିଠା ଓ ଫଳ ନେଇ ଘର କୁ ଯାଇଥାନ୍ତି । ଭଉଣୀ ମାନେ ଭାଇଙ୍କୁ ମିଠା ଖୁଆଇଥାନ୍ତି ଭାଇ ହାତରେ ରାକ୍ଷୀ ବାନ୍ଧିଥାନ୍ତି ଆଳତିର ଥାଳି ଧରି ଭାଇଙ୍କୁ ଅଳତି ମଧ କରିଥାନ୍ତି ।ରାକ୍ଷୀ ଅବସରରେ ଭଉଣୀ ମାନେ ଭାଇଙ୍କୁ ଓ ଭାଇମାନେ ଭଉଣୀଙ୍କୁ ଉପହାର ଦେଇଥାନ୍ତି । ପୁରୀଜଗନ୍ନାଥ ମନ୍ଦିରରେ ମଧ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥାଏ । ପାଟରା ବିଶୋଇ ସେବାୟତ,ଭଗବାନ ବଳଭଦ୍ର ଓ ଭଗବାନ ଜଗନ୍ନାଥଙ୍କ ପାଇଁ ପାଟ ରାକ୍ଷୀ ତିଆରି କରିଥାଏ । ଦେବୀ ସୁଭଦ୍ରା ତାଙ୍କର ଦୁଇ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ଏହି ରାକ୍ଷୀ ବାନ୍ଧିଥାନ୍ତି । ଭଗବାନ ବଳଭଦ୍ରଙ୍କ ପାଇଁ ନୀଳ ଏବଂ ବାଇଗଣି ରଙ୍ଗର ରାକ୍ଷୀ ତିଆରି କରାଯାଇଥାଏ । ଜଗନ୍ନାଥଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗର ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ । ଏହି ଦିନ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗୁଆ ମାଳ ଦିଆଯାଇଥାଏ । ଓଡିଶାରେ ଘରେ ଘରେ ରାକ୍ଷୀ ପୂର୍ଣ୍ଣିମାରେ ମଣ୍ଡା ମିଠା ତିଆରି କରାଯାଇଥାଏ ।ଗଞ୍ଜାମ ଜିଲ୍ଲାର ଗାଁ ମାନଙ୍କରେ ବିଭିର୍ନ୍ନ ଖେଳର ପ୍ରତିଯୋଗୀତାର ପରମ୍ପରା ରହିଛି ।ଯେଉଁମାନେ ଖେଳର ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ସହିତ ସମ୍ମାନିତ ମଧ କରାଯାଇଥାଏ । ଆମ ଜୀବନ ବିଭିର୍ନ୍ନ ସମ୍ପର୍କ କୁ ନେଇ ପରିପୂର୍ଣ୍ଣ ।ଭାଇ ଭଉଣୀଙ୍କ ସମ୍ପର୍କ ସବୁଠାରୁ ନିଆରା । ଭାଇ ଭଉଣୀ ବନ୍ଧୁ ହୋଇ ଖେଳିଛନ୍ତି,କେତେ ଖରାରେ ସିଝିଛନ୍ତି, କେତେ ବର୍ଷାରେ ଭିଜିଛନ୍ତି,ଶିତରେ ଥରିଛନ୍ତି,ହାତଧରା ଧରି ହୋଇ ବଡ ହୋଇଛନ୍ତି । ଘରର ଚାରି କାନ୍ଥ ଭିତରୁ ମିଶି କରି ବାହାର କୁ ପାଦ ବଢାଇଛନ୍ତି ସଂଘର୍ଷ କରିବାପାଇଁ ।ବେଳେ ବେଳେ ହାରି ଛନ୍ତି ବେଳେ ବେଳେ ଜିତିଛନ୍ତି ।ସେହି ସ୍ମୃତି ଯାହା ଭୁଲିବାର ନୁହେଁ ତାକୁ ନେଇ ଆସେ ରାକ୍ଷୀ ପୂର୍ଣ୍ଣିମା ।

*ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର - ୭୨୦୫୧୦୦୮୩୯*

# ଭାରତୀୟ ପରଂପରାରେ ରାକ୍ଷୀ ପୂର୍ଣ୍ଣିମା

◆ ଶ୍ରୀ ଦାଶରଥୀ ଶତପଥୀ, (ଭା.ପ୍ର.ସେ)

ଭାରତୀୟ ପରଂପରାରେ ଗହ୍ମା ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମାର ଭୂମିକା ସ୍ୱତନ୍ତ୍ର । ସ୍ନେହ, ଶ୍ରଦ୍ଧା, ସଦ୍‌ବ୍ୟବହାର, ଆନନ୍ଦ, ମୈତ୍ରୀ ଓ ଜାଗରଣର ଏହା ଏକ ଅଦ୍‌ଭୁତ ସ୍ମାରକୀ । କେତେକ ବିଶିଷ୍ଟ ସଂସ୍କୃତିଗତ ସମାହାରରେ ରୁଦ୍ଧିମନ୍ତ ଏହି ପର୍ବଟି । ଏହା ଶ୍ରାବଣ ପୂର୍ଣ୍ଣିମା, ଗହ୍ମା ପୂର୍ଣ୍ଣିମା, ରାକ୍ଷୀ ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା ନାମରେ ସମଗ୍ର ଭାରତବର୍ଷରେ ପରିଚିତ । ଏହି ପର୍ବଟି ଭାତୃବନ୍ଧନର ସାକ୍ଷୀ ଭାବେ ଗଣାଯାଇଥାଏ, ଯାହାକି ଭାଇ-ଭଉଣୀ ମଧରେ ଥିବା ସଂପର୍କକୁ ଦୃଢ଼ୀଭୂତ କରି ଆଧାତ୍ମିକ ଚେତନାରେ ବାନ୍ଧି ରଖିଥାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ପ୍ରଭୁଙ୍କ ପାଖରେ ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥାଏ । ଫଳରେ ତା' ପ୍ରତି ବଦଳରେ ଭାଇ ତା'ର ଭଉଣୀକୁ ରକ୍ଷା କରିବାର ସମସ୍ତ ଦାୟିତ୍ୱ ନେବା ସହିତ ସବୁ ପ୍ରକାର ଉନ୍ନତି ପାଇଁ ସଂକଳ୍ପ ନେଇଥାଏ । ମହାଭାରତ ଅନୁସାରେ ଶ୍ରାବଣ ପୂର୍ଣ୍ଣିମା ଦିନ ଭଗବାନ ବଳଭଦ୍ରକଙ୍କର ରୋହିଣୀ ଗର୍ଭରୁ ଜନ୍ମ, ସେହି ପର୍ବ କୃଷି ଦେବତା ବଳଦେବଙ୍କର ଜନ୍ମ ଉତ୍ସବ ଭାବରେ ପାଳନ କରାଯାଇ ଆସୁଅଛି । ବଳରାମ ହଳାୟୁଧ ହଳ କୃଷି କାର୍ଯ୍ୟରେ ପ୍ରତୀକ । ଏହି ଦିନ ହଳ ଲଙ୍ଗଳ, କାଙ୍କ, କୋଡ଼ି, ମହି, କୋଦାଳ ଆଦି କୃଷି ଉପକରଣକୁ ଜଳରେ ସ୍ନାନ କରାଇ ଗୁହାଳ ଘରେ ରଖି ପୁଷ୍ପ ଚନ୍ଦନ ଧୂପ ଦୀପ ଦେଇ କୃଷକ ଶ୍ରଦ୍ଧାର ସହିତ ପୂଜା କରିଥାଏ । ବଳଭଦ୍ର ଗୋମାତା ଠାରୁ ଜନ୍ମ ହୋଇଥିବାରୁ ପ୍ରତ୍ୟେକ ହିନ୍ଦୁ ଗାଈକୁ ମାତା ରୂପରେ ସମ୍ବର୍ଦ୍ଧନା କରି ମା' ଭଳି ସମ୍ମାନ ଦେଇ ପୂଜା କରିଆସୁଅଛି କେଉଁ ଅନାଦି କାଳରୁ । ତେଣୁ ଗାଈକୁ ଏହି ପର୍ବରେ ତା'ର ଶିଙ୍ଗରେ ରାକ୍ଷୀ ବାନ୍ଧି ବେକରେ ଫୁଲମାଳ ପକାଇ ସୁଖାଦ୍ୟ ଦିଆଯାଇଥାଏ । ଶ୍ରୀମଦ୍ ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି -

*ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।*
*ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ । (ଗୀତା ୧୦/୨୮)*

ଯେତେ ଅସ୍ତ୍ର ଅଛି ତା' ମଧରେ ବଜ୍ର ଏବଂ ଧେନୁ ମାନଙ୍କ ମଧରେ କାମଧେନୁ ମୁଁ ଅଟେ । ଶାସ୍ତ୍ରୋକ୍ତ ବିଧିରେ ସନ୍ତନ ଉପତିର କାରଣ କାମଦେବ ଏବଂ ସର୍ପଙ୍କ ମଧରେ ବାସୁକି ମୁଁ ଅଟେ । ଏହାକୁ ଭିତିକରି



ସମଗ୍ର ହିନ୍ଦୁ ସମାଜ ଗୋମାତାଙ୍କୁ ପୂଜା କରି ଆସୁ ଅଛି କୋଉ ଅନାଦି କାଳରୁ । ଭାରତୀୟ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମାର ମହତ୍ୱ ଓ ଶାଶ୍ୱତ ଚିନ୍ତାଧାରା ମହାଭାରତର କେତେକ କାହାଣୀକୁ ଭିତିକରି ଉଲ୍ଲେଖ ରହିଛି ଭଗବାନ ଶ୍ରୀକୃଷ୍ଣ ଓ ଯାଜ୍ଞସେନୀ (ଦ୍ରୌପଦୀ)କୁ ନେଇ । ଅତ୍ୟାଚାରୀ ଶିଶୁପାଳକୁ ଭଗବାନ ଶ୍ରୀକୃଷ୍ଣ ବଧ କଲାବେଳେ ତାଙ୍କରି ଆଙ୍ଗୁଠି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଯାଜ୍ଞସେନୀ ନିଜର ପଣତକାନିରୁ ଲୁଗା ଚିରି ସେଥିରେ ଗୁଡ଼ାଇ ଦେବା ଦ୍ୱାରା ରକ୍ତ ବୋହିବା ବନ୍ଦ ହୋଇ ଯାଇଥିଲା, ଯେଉଁଥିପାଇଁ ଦ୍ରୌପଦୀଙ୍କ ମଧରେ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ଓ ଶ୍ରଦ୍ଧା ପାଇଥିଲେ । ପାଣ୍ଡବମାନେ କେତେକ ସର୍ତ ସହ ପଶାଖେଳରେ ହାରିଯିବା ବେଳେ ଦ୍ରୌପଦୀକୁ କୁରୁସଭାରେ କୌରବମାନେ ବସ୍ତ୍ରହରଣ କରିବାକୁ ଉଦ୍ୟତ ହେବାବେଳେ ଭଗବାନ ଶ୍ରୀକୃଷ୍ଣ ବସ୍ତ୍ରଦାନ କରି ଦ୍ରୌପଦୀଙ୍କର ଲଜ୍ଜା ନିବାରଣ କରିଥିଲେ ଯାହାଫଳରେ କୌରବମାନେ ହତୋତ୍ସାହ ହୋଇଥିଲେ ଓ ପାଣ୍ଡବମାନଙ୍କର ସମ୍ମାନ ରକ୍ଷା ହୋଇଥିଲା । ଇତିହାସରୁ ଜଣାପଡ଼େ ମାସିଡ଼ୋନିଆର ସମ୍ରାଟ ଆଲୋକଜାଣ୍ଡର ଭାରତ ଉପରେ ବିଜୟ ଲାଭ କରିବାକୁ ଆସିଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ ଏବଂ ପୁରୁଙ୍କ ଠାରୁ ଆଲେକଜାଣ୍ଡର ପ୍ରଥମ ଥର ପରାସ୍ତ ହୋଇଥିଲେ । ସେତେବେଳେ ଆଲେକଜାଣ୍ଡାର ଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ ରାକ୍ଷୀବନ୍ଧନ ବିଷୟରେ ଇତିହାସ ପରିଶୀଳନରୁ ଅବଗତ ହୋଇଥାଏ ଯେ ରାଜପୁତ୍ ରମଣୀମାନେ ନାରୀ ଜାତିର ସୁରକ୍ଷା, ମର୍ଯ୍ୟାଦା ଓ ମାନସମ୍ମାନ ନିମି□ ସମ୍ରାଟ ଆକବରଙ୍କ ପାଖକୁ ରାକ୍ଷୀ ପ୍ରେରଣ କରୁଥିଲେ । ତାହା କାଳକ୍ରମେ ସମଗ୍ର ଭାରତବର୍ଷକୁ ବ୍ୟାପି ଭାଇ ଭଉଣୀର ଅତୁଟ ସ୍ନେହ, ଶ୍ରଦ୍ଧା, ସଂପର୍କ ସ୍ୱରୂପ ରାକ୍ଷୀ ପୁନେଇଁରେ ଭାଇ ହସ୍ତରେ ଭଉଣୀ ରାକ୍ଷୀ ବାନ୍ଧିବା ପରଂପରାରେ ପରିଣତ ହୋଇଛି । ରାକ୍ଷୀ ସ୍ନେହ, ଶ୍ରଦ୍ଧାର ପ୍ରତୀକ ଭାବେ ତଥା ଭାଇ ଭଉଣୀର ସଂପର୍କ ଆଦର୍ଶଭାବେ ସମାଜରେ ରାକ୍ଷୀ ଆଦରଣୀୟ । ଗହ୍ମା ପୂର୍ଣ୍ଣିମାରେ ରାକ୍ଷୀ ବନ୍ଧନର ପ୍ରକ୍ରିୟା ହେତୁ ଏହି ପୁନେଇ ରାକ୍ଷୀ ପୂର୍ଣ୍ଣମୀ ଭାବେ ପରିଚିତ । ବାମନଙ୍କ ଜନ୍ମ ପୂର୍ବରୁ ଶ୍ରାବଣ ପୂର୍ଣ୍ଣିମା ଦିନ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ବଳିଙ୍କ ଜୀବନ ସୁରକ୍ଷା ନିମି□ ବଳିଙ୍କ ହସ୍ତରେ ରକ୍ଷା କବଚ ସ୍ୱରୂପ ରାକ୍ଷୀ ବନ୍ଧନ କରିଥିଲେ । ତାହା ଅନୁସୃତ ପରଂପରା ସ୍ୱରୂପ ଏବେ ବ୍ରାହ୍ମଣ ଓ ପୁରୋହିତମାନେ ଯଜମାନଙ୍କ ହସ୍ତରେ ବିଭିନ୍ନ ଧରଣର ରାକ୍ଷୀ କିମ୍ବା ନାଲିପିତା ବାନ୍ଧି ଆଶୀର୍ବାଦାତ୍ମକ ଶ୍ଳୋକ ଗାୟନ କରିଥାନ୍ତି । ରାକ୍ଷୀବନ୍ଧନକୁ ନେଇ ପର୍ଯ୍ୟାଲୋଚନା କକଲେ ଜଣାପଡ଼େ ଯେ ଏହା ସମାଜରେ ଅସଲ ସୁଖପ୍ରାପ୍ତି ନିମନ୍ତେ ବାଟ ଦେଖାଇଥାଏ ଯେଉଁଥିରେ ସ୍ନେହ, ଶ୍ରଦ୍ଧା, ମମତା ଭିତରେ ପ୍ରକୃତ ମନୁଷ୍ୟତ୍ୱ ପ୍ରକଟିତ ହୋଇଥାଏ । ମଣିଷ ଭିତରେ ଥିବା ଈର୍ଷା, ତିରସ୍କାର, ଘୃଣା, କୁସଂସ୍କାର ଆଦି ଦୂରୀଭୂତ ହୋଇ ଦିବ୍ୟପ୍ରେମ, ଶ୍ରଦ୍ଧା, ବିଶ୍ୱାସ, କୃତଜ୍ଞତା ଭଳି ସ୍ୱଭାବ ଉଦ୍ରେକ ହୋଇ ମଣିଷର ଜୀବନଶକ୍ତି ପୁଷ୍ଟହୋଇ ଉଠେ । ଏହି ପରିପ୍ରେକ୍ଷୀରେ କୁହାଯାଇ ପାରେ ଯେ, ସମଗ୍ର ଭାରତବର୍ଷରେ ରାକ୍ଷୀ ପୂର୍ଣ୍ଣିମାର ମହତ୍ୱ ଆବାହମାନ କାଳରୁ ରହି ଆସିଅଛି ଯାହାକି ସମଗ୍ର ବିଶ୍ୱକୁ ଭାତୃବନ୍ଧନରେ ବାନ୍ଧି ରଖିବାର ବାର୍ତା ଦେଉଅଛି ।

*ସଚିବ- ଓଡ଼ିଶା ବିଧାନସଭା -୯୩୩୭୪୪୯୩୭୩*

# ପବିତ୍ର ରାକ୍ଷୀ ପୁନେଇଁ

ବାରମାସ ଅନ୍ତେ ଆସିଛି ଜଗତେ
ପବିତ୍ର ରାକ୍ଷୀ ପୁନେଇଁ
ଭଉଣୀ ବାନ୍ଧିବ ଭାଇ ହାତେ ରାକ୍ଷୀ
ପରମ୍ପରା ଆପଣାଇ ।
ଭାଇର ଜୀବନେ ନଆସୁ ବିପତି
ଶୁଭ ମନାସିବ ସେହି
ଦୁଃସମୟେ ତା'ର ସାହା ହେବ ବୋଲି
ସରାଗେ କହିବ ଭାଇ ।
ଶ୍ରଦ୍ଧାର ପ୍ରତୀକ ଉପହାରଟିଏ
ଭଉଣୀର ହାତେ ଦେଇ
ତା'ରକ୍ଷା କବଚ ସାଜିବ ଜୀବନେ
ପ୍ରତିଶୃତି ଦେବ ଭାଇ ।
ସୁଭଦ୍ରା ଭଉଣୀ ବାନ୍ଧିବେ ରାକ୍ଷୀକୁ
କାଳିଆ ବଳିଆ ହାତେ
ଖୁସୀ ହୋଇ ପ୍ରଭୁ ଗେହ୍ଲୀ ଭଉଣୀକୁ
ନେଇଯିବେ ରଥ ଯାତେ ।
ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଂକ ହାତେ ପାଂଚାଳୀ
କୋଟିବସ୍ତ୍ର ଦେଇ ରକ୍ଷା କରିଥିଲେ
ପାଂଚାଳୀକୁ ଚକ୍ରଧାରୀ ।
ପ୍ରଭୁ ବଳିଆଂକ ଜନମ ଦିବସ
ମନାଇବେ ଆଜି ଦିନେ
ପୁନେଇଁ ସଂଜରେ ଗୋମାତାଂକ ପୂଜା
କରିବେ ରାଇଜେ ଜନେ ।
ଅତ୍ୟନ୍ତ ପବିତ୍ର ଶ୍ରାବଣ ପୁନେଇଁ
ମମତା'ର ମୂକ ସାକ୍ଷୀ
ଭାବ ବିଶ୍ୱାସର ଅତୁଟ ସମ୍ପର୍କ
ଯୋଡିଦେବ ପୂଣ୍ୟ ରାକ୍ଷୀ ।

# ଏଲ୍.ଏନ୍. କଲେଜରେ 'ଖେଲୋ ଇଣ୍ଡିଆ ଡାଏଲଗ୍' ଅନୁଷ୍ଠିତ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ପକ୍ଷରୁ 'ଖେଲୋ ଇଣ୍ଡିଆ ଡାଏଲଗ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସୁସ୍ଥ, ସକ୍ଷମ ଓ ସଶକ୍ତ ଭାରତ ଗଠନର ଦୃଷ୍ଟିକୋଣ ସହ ଯୋଡ଼ିବା ପାଇଁ ଏକ ପ୍ରେରଣାଦାୟକ ମଂଚ ପ୍ରଦାନ କରିଥିଲା । କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟକ ଅଭିଭାଷଣ ପ୍ରସାରିତ ହୋଇଥିଲା । ଏଥିରେ ସେ ଯୁବପିଢ଼ିଙ୍କୁ କ୍ରୀଡ଼ା, ଶାରୀରିକ



ସୁସ୍ଥତା, ଶୃଙ୍ଖଳା ଓ ଉତ୍କର୍ଷତାର ଭାବନାକୁ ଆପଣାଇବା ପାଇଁ ପ୍ରୋତ୍ସାହିତ କରିଥିଲେ । ଏନ୍‌ଏସ୍‌ଏସ୍ ଜିଲ୍ଲା ସଂଯୋଜକ ଡ. ଲାଲଧାରୀ ସିଂହଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଲକ୍ଷ୍ମୀନାରାୟଣ କଲେଜର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ତପନ ସାହୁ । କ୍ରୀଡ଼ା କ୍ଷେତ୍ରର ପ୍ରତିନିଧି ଭାବେ ଜାତୀୟସ୍ତରୀୟ ଖୋ-ଖୋ ଖେଳାଳି ଦୀପ୍ତି ରଞ୍ଜନ ପରିଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଏଥିସହ ମାଏ ଭାରତ ପୋର୍ଟାଲର ଜିଲ୍ଲା ଓ.ଏ ମାନସ ଭୋଇ ଏବଂ ଜିଲ୍ଲା ଘଓଉର ଇଞ୍ଜିନିୟର ଅଚ୍ୟୁତ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ବ୍ୟକ୍ତିତ୍ୱ ବିକାଶ ଓ ଶାରୀରିକ ସୁସ୍ଥତାରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇ ଥିଲା । ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କାର୍ଯ୍ୟକଳାପରେ ସକ୍ରିୟ ଭାବେ ଯୋଗଦେବା ସହ ଶୃଙ୍ଖଳା, ଅଧ୍ୟବସାୟ ଓ ସୁସ୍ଥ ପ୍ରତିଯୋଗିତାର ମନୋଭାବ ବିକଶିତ କରିବାକୁ ପ୍ରୋତ୍ସାହିତ କରାଯାଇଥିଲା । ଶେଷରେ ହିମାଂଶୁ ଶେଖର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମେଶ ମେହେରଙ୍କୁ ପ୍ରତିଷ୍ଠିତ ପ୍ରକାଶ ପ୍ରତିଭା ସମ୍ମାନ-୨୦୨୬ ପ୍ରଦାନ

ନୂଆପଡା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଂଚଳର ଜଣାଶୁଣା ଡାନ୍ସ ଟିଚର, ଫିଟନେସ୍ କୋଚ୍ ଏବଂ 'ଧର୍ମେଶ ଡାନ୍ସ ଏକାଡେମୀ'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଧର୍ମେଶ ମେହେରଙ୍କୁ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟ ପାଇଁ ପ୍ରତିଷ୍ଠିତ ପ୍ରକାଶ ପ୍ରତିଭା ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି । ଭିଜିୟନ୍ ୱେଲନେସ ଫାଉଣ୍ଡେସନ ପକ୍ଷରୁ ନୃତ୍ୟ, ଫିଟନେସ୍ ଏବଂ ସମଗ୍ର ସ୍ୱାସ୍ଥ୍ୟ ହୋଲିଷ୍ଟିକ ୱେଲନେସ କ୍ଷେତ୍ରରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି । ଧର୍ମେଶ ମେହେର ଗତ କିଛି ବର୍ଷ ହେବ ଖଡ଼ିଆଳ ଓ ଆଖପାଖ ଅଂଚଳରେ ପିଲାମାନଙ୍କୁ କେବଳ ନୃତ୍ୟ ଶିଖାଉନାହାଁନ୍ତି, ବରଂ ଜୁମ୍ବା, ଯୋଗ ଏବଂ କରାଟେ ମାଧ୍ୟମରେ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ପ୍ରେରଣା ମଧ୍ୟ ଯୋଗାଉଛନ୍ତି । ଏହି ସଫଳତା ପରେ ଖୁସି ବ୍ୟକ୍ତ କରି ଧର୍ମେଶ ମେହେର କହିଛନ୍ତି । ଏହି ସମ୍ମାନ କେବଳ ମୋର ନୁହେଁ ବରଂ ମୋର 'ଧର୍ମେଶ ଡାନ୍ସ ଏକାଡେମୀ'ର ସମସ୍ତ ଛାତ୍ରଛାତ୍ରୀ ଏବଂ ମୋର ଶୁଭେଚ୍ଛୁମାନଙ୍କର, ଯେଉଁମାନେ ମୋ ଉପରେ ଭରସା ରଖିଛନ୍ତି । ଏହି ପୁରସ୍କାର ମୋତେ ସମାଜରେ ଫିଟନେସ୍ ଏବଂ କଳାର ପ୍ରସାର ପାଇଁ ଆହୁରି ଅଧିକ ଉତ୍ସାହର ସହିତ କାମ କରିବାକୁ ପ୍ରେରଣା ଦେବ । ଏହି ସମ୍ମାନ ପ୍ରାପ୍ତି ପରେ ଖଡ଼ିଆଳ ଅଂଚଳର କଳା ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ଏବଂ ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ।

# ଜରାଶ୍ରମ ଆଶ୍ରମ ଛାତ୍ରୀ ନିବାସରେ ରକ୍ଷା ବନ୍ଧନ ଉତ୍ସବ ପାଳିତ

ଜଳେଶ୍ୱର(ନିପ୍ର): ପବିତ୍ର ସମ୍ପର୍କ ସ୍ଥାପନ କରିବାର ପ୍ରମୁଖ ଦିବସ, ରକ୍ଷା ବନ୍ଧନ ଉତ୍ସବରେ ଜରାଗ୍ରସ୍ତ ଓ ଅନାଥ ଶିଶୁ ମାନଙ୍କ ସହିତ ପାଳନ କରି ସହୃଦୟତାର ପରିଚୟ ଦେଇଛନ୍ତି ବିଜେପି ନେତା ବ୍ରଜମୋହନ ପ୍ରଧାନ । ଜଳେଶ୍ୱର ବ୍ଲକ ଜନଜାତି ବହୁଳ ରାଇବଣିଆ ଅଂଚଳର ଖୁଆର୍ଡ ସ୍ଥିତ କେନ୍ଦୁ ଖୁଂଟା ସରକାରୀ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ନିବାସ, ପୁରୁଣା ପାଣି ସ୍ଥିତ 'ପ୍ରୟାସ' ବରିଷ୍ଠ ନାଗରିକ ଆବାସ ସ୍ଥଳୀ, କବାଟ ଘାଟୀ ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଆଶ୍ରମ ବିଦ୍ୟାଳୟ, ସର୍ଦ୍ଦାର ବନ୍ଧ ସରକାରୀ ଆଶ୍ରମ ବିଦ୍ୟାଳୟର ଅନ୍ତେବାସୀ ଙ୍କ ସହିତ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି । ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରେରଣା ଏବଂ ପଠାଇଥିବା ରାକ୍ଷୀ ଉତ୍ସବ ଭେଟି କୁ ସ୍ନେହ ଶ୍ରଦ୍ଧାରୁ ବଂଚିତ ମଣିଷଙ୍କ ସହିତ ବ୍ରଜମୋହନ ଶ୍ରଦ୍ଧା ଆତ୍ମିକତାର ସହ ବାଂଟିଥିଲେ । ଅନାବିଳ ସ୍ନେହ ପ୍ରେମର ପ୍ରତିକ ରାକ୍ଷୀ, ମିଠେଇ ବିତରଣ ସହିତ ସାଂସଦ ଙ୍କ ପ୍ରେରିତ ସନ୍ଦେଶ ବାର୍ତା ପତ୍ରକୁ ବଂଟନ କରିଥିଲେ । ରକ୍ତର ସମ୍ପର୍କ ନଥିଲେ ମଧ୍ୟ ନିଆରା ପରିବେଶ ରେ ଆତ୍ମିକ ସମ୍ପର୍କ ଯୋଡ଼ି ଅଦୃଶ୍ୟ ସହାୟତାର ପ୍ରତିଶୃତି ବଦ୍ଧ ହୋଇ ଅଜସ୍ର ଆଶିଷ ସାଉଁଟି ଥିଲେ । ଭାରତୀୟ ସଂସ୍କୃତିର ଅନନ୍ୟ ପର୍ବରେ ବିଜେପିର ଜିଲ୍ଲା ସମ୍ପାଦକ କାଳିଚରଣ ଦାସ, ରାଇବଣିଆ ମଣ୍ଡଳ ସଭାପତି ସଞ୍ଜୀବ କୁମାର ଜେନା, ଯୁବ ନେତା ରାସବିହାରୀ ରଣା, ତାପସ ପାଣିଗ୍ରାହୀ, ଦିବେନ୍ଦୁ ଦେ, ସୁଜିତ୍ ଦାସ, ସନତ ସାହୁ, ବ୍ରଜକିଶୋର ଗିରି, ଗଣେଶ ସୋରେନ୍, ନେହାର ରଞ୍ଜନ ଦାସ, ଦେବାଶିଷ ମୁର୍ମୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତା ଉପସ୍ଥିତ ହୋଇ ଆତ୍ମିକ ତୃପ୍ତି ପାଇଥିଲେ ।

# ସଡ଼କ ସୁରକ୍ଷା ପାଇଁ ଜିଲ୍ଲାରେ ବୈଠକ କାଗଜ କଲମରେ ଚାଲିଛି କି ?

ଝାରସୁଗୁଡା(ନିପ୍ର): ଜିଲ୍ଲାରେ ପ୍ରତିକ ମାସରେ ଦୁର୍ଘଟଣା ହ୍ରାସ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଡକ ସୁରକ୍ଷା ବୈଠକ ମାନ ଅନୁଷ୍ଠିତ ହେଉଛି । ଏହି ବୈଠକରେ ଜିଲ୍ଲା ପ୍ରଶାସନର ମୁଖ୍ୟ, ଆଂଚଳିକ ପରିବହନ ଅଧିକାରୀ, ଜାତୀୟ ରାଜପଥ ଯନ୍ତ୍ରୀ, ପୋଲିସ ଅଧିକାରୀ, ପୂର୍ତ୍ତବିଭାଗ ଯନ୍ତ୍ରୀ ଓ ସୁରକ୍ଷା କମିଟିର ସଭ୍ୟ ମାନେ ଯୋଗ ଦେଉଛନ୍ତି କିନ୍ତୁ ବୈଠକରେ ଦୁର୍ଘଟଣା ହ୍ରାସ ପାଇଁ ନିଆ ଯାଉଥିବା ସିଦ୍ଧାନ୍ତ ଗୁଡ଼ିକ ବିଭାଗିୟ କର୍ମକର୍ତାଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉ ନାହିଁ । ଏହା କାଗଜ କଲମରେ ସିମିତ ରହିଛି । ଏହାର ଜ୍ୱଳନ୍ତ ପ୍ରମାଣ ହେଉଛି ଯେ ପ୍ରସନ୍ନ ପଣ୍ଡା ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୯ରେ ଦୁର୍ଘଟଣା ହ୍ରାସ ପାଇଁ ଆଲୋକୀକରଣ ବ୍ୟବସ୍ଥା ସ୍କୁଲ ନିକଟରେ ବେରିକେଟ ଓ ହମ୍ପସ୍ ପାଇଁ ୨୦୨୬ ଫେବୃଆରି ମାସରେ ସଡକ ସୁରକ୍ଷା ବୈଠକରେ ହେବ ବୋଲି ସିଦ୍ଧାନ୍ତ ନିଆଯାଇଥିଲା କିନ୍ତୁ ଏହା ମଧ୍ୟରେ ୬ ମାସରୁ ଉର୍ଦ୍ଧ୍ୱ ବିତିଯାଇଛି । ଧର୍ମକୁ ଆଖିଠାର ପରି ବକ୍ସି ଛକରେ ଏକ ଆଲୋକ ବ୍ୟବସ୍ଥା କରାଯାଇଛି ଏଠାରେ ସୁଚନା ଯୋଗ୍ୟ ଯେ ବକ୍ସି ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱର୍ରେ ବଡ ବଡ ଭାରି ଯାନ ଯଥା କୋଇଲା ବୋଝେଇ ୧୮ ଚକିଆ ଟ୍ରକ, ୧୬ ଚକିଆ ଫ୍ଲାଏଆସ୍ ଗାଡି ଦିନ ରାତି ହୋଟେଲ ଢାବା ନିକଟରେ ରହୁଛି ଏହି ଗାଡି ଗୁଡ଼ିକ କୌଣସି ପାର୍କିଙ୍ଗ ଲାଇଟ ରାତ୍ରିରେ ଦେଉ ନାହାନ୍ତି ଏହି ଜାତୀୟ ରାଜପଥ ରାସ୍ତାରେ ଅନ୍ଧାରରେ ଗାଇ, ଗୋରୁ, ଷଣ୍ଡ ଶୋଇ ରହୁଛନ୍ତି ଯାହା ଫଳରେ ବର୍ଷା ସମୟରେ ଅନ୍ଧାରରେ କଳା ଗାଇ ଗୋରୁ ଦୃଶ୍ୟମାନ ହେଉ ନାହିଁ । ଯାହାକି ଗତ ଫେବୃଆରୀ ମାସରେ ବ୍ରଜରାଜନଗର କୁଦପାଲିର ୨୩ ବୟସ୍କ ଯୁବକ ର ସଂନ୍ଧ୍ୟା ୮ଟା ସମୟରେ ଝାରସୁଗୁଡ଼ାରୁ ବ୍ରଜରାଜନଗର ଯାଉଥିବା ବେଳେ ରାସ୍ତାରେ ଶୋଇଥିବା ଷଣ୍ଡ ସହିତ ଧୋକା ହୋଇ ରାସ୍ତାରେ ପଡି ଯିବା ସମୟରେ ବିପରୀତ ଦିଗରୁ ଆସୁଥିବା ଗାଡ଼ି ସହିତ ଧୋକା ହୋଇ ଦେହରୁ ମୁଣ୍ଡ ଅଲଗା ହୋଇ ୧୦ ଫୁଟ ଦୁରରେ ପଡି ଯାଇ ଥିଲା । ରାତ୍ରିକାଳିନ ଟ୍ୟୁଇଟି ସାରି ଫେରୁ ଥିବା ବେଳେ ଆଦର୍ଶ ସ୍କୁଲ ନିକଟରେ ପୋଲିସ ଗାଡି ସହିତ ଦ୍ରୁତଗାମି ଟେଲର୍ ଧକ୍କା ହୋଇ ଜଣକର ମୃତ୍ୟୁ ହେବା ସହିତ ୫ଜଣ ଗୁରୁତର ହୋଇ ଥିଲେ । ତଥାପି ପ୍ରଶାସନର ନିଦ ଭାଙ୍ଗି ନାହିଁ । ଏହି ଜାତୀୟ ରାଜପଥ ପାର୍ଶ୍ୱର୍ରେ ଆଦର୍ଶ ସ୍କୁଲ, କଟାପାଲି ସ୍କୁଲ, କଟାପାଲି କଲେଜ ଓ ହକି ଷ୍ଟାଡ଼ିୟମ ରହିଛି । ଶହଶହ ବାଳକ ବାଳିକା ଝାରସୁଗୁଡ଼ା, ବ୍ରଜରାଜନଗରରୁ ଆସିଥାନ୍ତି । ରାସ୍ତା ପାରି ହେବା ସମୟରେ ବିପଦ ପୁର୍ଣ ଭାବରେ ଅନ୍ୟ ପାର୍ଶ୍ୱର୍କୁ ଯାଇଥାନ୍ତି । ସେହି ପରି ବୃହତ ମଧ୍ୟମ ଶିଳ୍ପ ସଂସ୍ଥା ଏହି ଜାତୀୟ ରାଜପଥ ପାଶ୍ୱରେ ରହି ଥିବାରୁ ରାତ୍ରି ସମୟରେ କର୍ମଚାରୀ, ଶ୍ରମିକ ମାନେ କାର୍ଯ୍ୟକ୍ଷେତ୍ରକୁ ଯିବା ଆସିବା କରି ଥାଅନ୍ତି । ଏହି ଜାତୀୟ ରାଜପଥ ରାସ୍ତାରେ ସ୍କୁଲ ନିକଟରେ ରାସ୍ତା ଉପରକୁ ଗଛ ଗୁଡ଼ିକ ଆସି ଯାଇଥିବାରୁ ସ୍କୁଲ, କଲେଜରୁ ପିଲା ମାନେ ଯିବା ସମୟରେ ଉଭୟ ପାଶ୍ୱର୍ର ଗାଡ଼ି ଦୃଶ୍ୟମାନ ହେଉ ନାହିଁ । ଏହା ସହିତ ରାସ୍ତାର ପାଶ୍ୱର୍ରେ କାଦୁଅ ରହିଁଛି । ସାଇକେଲରୁ ପଡିବାର ବହୁ ଉଦାହରଣ ପିଲା ମାନଙ୍କର ରହିଛି । ଏହି ବିଷୟରେ ବହୁଥର ସମ୍ବାଦପତ୍ରରେ ମଧ୍ୟ ପ୍ରକାଶ ହୋଇଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଜିଲ୍ଲାରେ ସଡକ ସୁରକ୍ଷା ବୈଠକ ଅନୁଷ୍ଠିତ ହେବ ଏଣୁ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜାତୀୟ ଖେଳ ଦିବସ ପାଇଁ 'ମୋ ଭାରତ' ଯୁବ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ




ନୂଆପଡ଼ା(ନିପ୍ର): ଭାରତ ସରକାରଙ୍କ ଯୁବ କାର୍ଯ୍ୟକ୍ରମ ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଜାତୀୟ ସେବା ଯୋଜନା ଆଂଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ଆସନ୍ତା ୨୭ ଅଗଷ୍ଟରେ ଆୟୋଜିତ ହେବାକୁ ଯାଉଛି 'ମୋ ଭାରତ ଜାତୀୟ ଖେଳ ଦିବସ- ୨୦୨୬' । ଏହି ଅବସରରେ ସ୍ଥାନୀୟ ନ୍ୟାସନାଲ କଲେଜ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି । ସମଗ୍ର ଓଡ଼ିଶାରୁ ଚିହ୍ନଟ ହୋଇଥିବା ୬୦ଟି ଅନୁଷ୍ଠାନ ମଧ୍ୟରେ ନୂଆପଡ଼ା ଜିଲ୍ଲାର ନ୍ୟାସନାଲ କଲେଜ ଓ ଖଡ଼ିଆଳ ସ୍ୱୟଂଶାସିତ କଲେଜ ସାମିଲ ଅଛନ୍ତି । ଏହି ଯୁବକ ଯୋଡ଼ିବା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଭର୍ଚୁଆଲ ସମ୍ବୋଧନ ସହ ପ୍ରସିଦ୍ଧ କ୍ରୀଡ଼ାବିତ୍, ଜନପ୍ରତିନିଧି ଓ ଯୁବପିଢ଼ିଙ୍କୁ ନେଇ ସ୍ୱତନ୍ତ୍ର ଆଲୋଚନାଚକ୍ର ଏବଂ କ୍ରୀଡ଼ାଭିତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ଓ ଶୃଙ୍ଖଳା ଜାଗ୍ରତ କରିବା । ନେତୃତ୍ୱ ନେବାର ଦକ୍ଷତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଦାୟିତ୍ୱବୋଧ ବୃଦ୍ଧି କରିବା । ଛାତ୍ରଛାତ୍ରୀ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ବିପୁଳ ସଂଖ୍ୟାରେ ଅଂଶଗ୍ରହଣ ସୁନିଶ୍ଚିତ କରିବା । ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ଜିଲ୍ଲା ଯୁବ ଅଧିକାରୀ ଅଙ୍କିତ ଶର୍ମା, ନ୍ୟାସନାଲ କଲେଜ ଅଧ୍ୟକ୍ଷ ହିତେଶ ସାହୁ, କ୍ରୀଡ଼ା ଅଧ୍ୟାପକଙ୍କ ସମେତ ସ୍ଥାନୀୟ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।

# ରକ୍ଷା ବନ୍ଧନ ଉତ୍ସବ ପାଳିତ

ନୀଳଗିରି(ନିପ୍ର): ବଳଦେବ ଜନ୍ମ ତଥା ପବିତ୍ର ରକ୍ଷା ବନ୍ଧନ ଅବସରରେ ନୀଳଗିରି ଉପଖଣ୍ଡ ବାଉଁଶ ବଣିଆ ପଂଚାୟତରେ କଳିଙ୍ଗ ଭାରତୀ ଟ୍ରଷ୍ଟର ସେବା ସଂସ୍ଥା ଆନୁକୂଲ୍ୟ ରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି । ଉକ୍ତ ଉତ୍ସବ ରେ ସଂସ୍ଥାର କର୍ମୀ ମାନେ ଗାଁ ଗାଁ ବୁଲି ଗୋ-ମାତା, ସାଧାରଣ ଜନତାଙ୍କ ହାତରେ ରାଖୀ ବାନ୍ଧି ଭାଇଚାରାର ବାର୍ତା ଦେଇଥିଲେ । ସତ୍ୱେ ସଂସ୍ଥାର କର୍ମୀ ମାନେ ମୁସଲିମ ସମ୍ପ୍ରଦାୟର ଲୋକ ହାତରେ ରାଖୀ ବାନ୍ଧି ଭାଇଚାରାର ବାର୍ତା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ସେବା ସଂସ୍ଥାର କର୍ମୀ ରଣଜିତ କୁମାର ପଣ୍ଡିତ, ଜୀବନଜ୍ୟୋତି ପଣ୍ଡିତ, ଲିପକ କୁମାର ପଣ୍ଡିତ, ପର୍ଶୁରାମ ରାଉତ, ସନ୍ତୋଷ ରାଉତ, ସୂର୍ଯ୍ୟକାନ୍ତ ପରମାଣିକ, ସୁନୀଲ ଘଡେଇ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ନେସନାଲ କଲେଜରେ ଜାତୀୟ କ୍ରୀଡ଼ା ଦିବସ ଓ 'ଖେଲୋ ଇଣ୍ଡିଆ' କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ନେସନାଲ କଲେଜ ସମ୍ମିଳନୀ କକ୍ଷ ପରିସର ମଧ୍ୟରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ 'ଖେଲୋ ଇଣ୍ଡିଆ' ସମ୍ବାଦ କାର୍ଯ୍ୟକ୍ରମ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଭର୍ଚୁଆଲ ମାଧ୍ୟମରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଡ଼ି ହୋଇ ଯୁବଶକ୍ତିଙ୍କୁ ସମ୍ବୋଧିତ କରିଥିଲେ । ହକି ଯାଦୁଗର ମେଜର ଧ୍ୟାନଚନ୍ଦଙ୍କ ସ୍ମୃତିଚାରଣ କରିବା ସହ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସରକାର ଖେଳ ବଜେଟରେ ୨୭୦ ପ୍ରତିଶତ ବୃଦ୍ଧି କରିଛନ୍ତି । ଯୁବସମାଜ ସଶକ୍ତ ଓ ନିଶାମୁକ୍ତ ହେବା ପାଇଁ ସେ ଆହ୍ୱାନ ଦେବା ସହ ୨୦୩୬ ଅଲିମ୍ପିକ୍ସ



ପାଇଁ ଆଜିଠାରୁ ହିଁ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ଆହୁରି ମଧ୍ୟ ପ୍ରକାଶ କରିଥିଲେ ଯେ, ଭାରତର ମେଡାଲ ସଂଖ୍ୟା ଓ ଭାଗିଦାରୀ ବୃଦ୍ଧି ପାଇଁ ଖେଳାଳିଙ୍କୁ ଚୟନ କରି ତାଲିମ ଦେବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ନୂଆପଡ଼ା ନେସନାଲ କଲେଜରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କ୍ରିକେଟ ଏସୋସିଏସନ୍ (ଓସିଏ)ର ଉପସଭାପତି ଭୈରବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ହିତେଶ କୁମାର ସାହୁ, ଜିଲ୍ଲା ଯୁବ ଅଧିକାରୀ ଅଙ୍କିତ ଶର୍ମା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଢ଼େଇ ଏବଂ କଲେଜ କ୍ରୀଡ଼ା ଅଧ୍ୟାପକ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଖେଳ ମଣିଷକୁ ଏକ ଦୃଢ଼ ପ୍ରତିଯୋଗୀ ଭାବେ ଗଢ଼ିତୋଳିଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଏହି ଭିଜନ୍ ଦ୍ୱାରା ଦେଶ ନିଶ୍ଚିତ ଭାବେ ବିକଶିତ ହେବ ବୋଲି ପ୍ରକାଶ କରିଥିଲେ ।

# ମହାପୁରୁଷ ହଜରତ୍ ମହମ୍ମଦଙ୍କ ସ୍ମୃତିସଭା




ସୋର(ନିପ୍ର): ସୋର ଅହମ୍ମଦିୟା ମୁସଲିମ ସମ୍ପ୍ରଦାୟ ଆନୁକୂଲ୍ୟରେ ମହାପୁରୁଷ ହଜରତ୍ ମହମ୍ମଦଙ୍କ ଆମ ଜୀବନ ଅଧାରିତ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସୟଦ ଓସିମ ଅହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଶେଖ ଓସିମ ଅବଦୁଲ୍ ଓଦୁଦ ଖାନ୍ ଏବଂ ଅବଦୁଲ ଜହୁର ଖାନ ଓ ଶେଖ ଅହମ୍ମଦ ଅତିଥି ଭାବେ ଯୋଗଦେଇ ମହମ୍ମଦଙ୍କ ଜୀବନୀ, ଉତମ ଚରିତ୍ର ଓ ସମଗ୍ର ମାନବ ସମାଜ ପାଇଁ ପ୍ରେମ ଓ ଭାତୃଭାବ, ଦେଶ ପ୍ରତି ପ୍ରେମ ଓ ବଳିଦାନ ସଂ ପର୍କରେ ଆଲୋକପାତ କରିଥିଲେ ।

# କେନାଲ ପୋଲ ମରାମତି ଅଭାବରୁ ଦୁର୍ଦ୍ଦଶାରେ ଯାତ୍ରୀ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ କଂଟାବଣିଆ-ଡଗରପଡା ରାସ୍ତାର କଂଟାବଣିଆ-ବଳଭଦ୍ରପୁର ମଝିରେ ଆମ୍ୱହତା କେନାଲ ଉପରେ ବଡ ବଡ ଗାତ ସୃଷ୍ଟି ହୋଇ ପୋଲଟି ବିପଦପୂର୍ଣ୍ଣ ହୋଇ ପଡିଥିବାରୁ ଯାତ୍ରୀ ମାନେ ଭୟାତୁର ଅବସ୍ଥାରେ ଯାତାୟାତ କରୁଛନ୍ତି । ବାରମ୍ବାର ଦାବି ପରେ ମଧ୍ୟ ପୁରୁଣା ପୋଲର ମରାମତି ହେଉନି କି ନୁତନ ପୋଲ ନିର୍ମାଣ ହେଉନି । ତୁରନ୍ତ ଗାତଗୁଡିକର ପୋତାଯିବାର ବ୍ୟବସ୍ଥା କରାନଗଲେ ଏହି ପୋଲ ଉପରେ ନିର୍ଭର କରୁଥିବା ୨୦ରୁ ଉର୍ଦ୍ଧ ଗ୍ରାମର ବାସିନ୍ଦା ରାସ୍ତା



ଅବରୋଧ ପାଇଁ ଚେତାବନୀ ଦେଇଛନ୍ତି । ଏହି ରାସ୍ତା ଓ ପୋଲ ବ୍ୟବହାର କରି ଖଇରା ବ୍ଲକର ଗୋବିନ୍ଦପୁର, ଡଗରପଡା, ଜଳଦା, ଅଚ୍ୟୁତପୁର ସମେତ ଔପଦା ବ୍ଲକର ତଳକିଆ ପଂଚାୟତ ଲୋକମାନେ ବିଭିନ୍ନ ସ୍ଥାନକୁ ଯିବାଆସିବା କରିଥାନ୍ତି । ବିଶେଷ ଭାବରେ ଔପଦା ହାଇସ୍କୁଲ, ଔପଦା କଲେଜ, ବଳଭଦ୍ରପୁର ସଂସ୍କୃତ ବିଦ୍ୟାଳୟକୁ ଯାଆସ କରିବାକୁ ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ କଂଟାବଣିଆ ଠାରୁ ଅନତିଦୁରରେ ଆମ୍ୱହତା କେନାଲ ଅତିକ୍ରମ କରିଥିବା ବେଳେ ଏହା ଉପରେ ଥିବା ପୁରୁଣା ପୋଲର ଉପରେ ଅସଂଖ୍ୟ ପାଣିଭର୍ତୀ ଖାଲ ପ୍ରତିମୁହୂର୍ତରେ ବିପଦକୁ ନିମନ୍ତ୍ରଣ କରୁଛି । ପ୍ରତ୍ୟେକ ଦିନ ଏହି ପୋଲ ଉପରେ ଛୋଟ ମୋଟ ଦୂର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହୋଇଛି । କେନାଲ ଖୋଳା ଦାୟିତ୍ୱ ନେଇଥିବା ତ୍ରିବେଣୀ କଷ୍ଟ୍ରକସନର ଅଧିକାରୀଙ୍କୁ ଗ୍ରାମବାସୀ ଓ ଅଭିଭାବକ ମାନେ ବହୁବାର ଏ ସମ୍ପର୍କରେ ଅବଗତ କରାଇଥିଲେ ହେଁ ଏ ପର୍ଯ୍ୟନ୍ତ ଏହାର ସୁଫଳ ମିଳୁନାହିଁ । ଏ ସମ୍ପର୍କରେ ଜଳଚେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବି ସେଠୀଙ୍କୁ ଯୋଗାଯୋଗ କରିବାରେ ପୋଲର ଏପ୍ରୋଚ ରୋଡ କାମ ସରିଛି ବର୍ଷା କମିଲେ ପୋଲ ଉପର କାମ ହେବ ବୋଲି କହିଛନ୍ତି ।




# ବିରଳ କର୍କଟ ରୋଗର ଅସ୍ତ୍ରୋପ୍ରଚାର କଲେ ରାୟଗଡ଼ାର ଡାକ୍ତର ହୀରାଚାନ୍ଦ

ରାୟଗଡ଼ା(ନି.ପ୍ର) ମୁଖ ଟ୍ୟୁମର୍ ବା ମୁଖଗହ୍ୱର କର୍କଟ ରୋଗରେ ପିଡିତ ଯୁବତୀଙ୍କ ସଫଳତାର ସହ ଅସ୍ତ୍ରୋପ୍ରଚାର ହୋଇଛି । ଆଉ ଏହି ଅସ୍ତ୍ରୋପ୍ରଚାର କରିଛନ୍ତି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦନ୍ତ ଓ ମୁଖଶଲ୍ୟ ବିଶେଷଜ୍ଞ ଡାକ୍ତର ହୀରାଚାନ୍ଦ ପଟ୍ଟନାୟକ । କଟକର ଶାନ୍ତି ମେମୋରିଆଲ୍ କେନସର୍ ସେଂଟରରେ ଏହି ଅସ୍ତ୍ରୋପ୍ରଚାର କରାଯାଇଛି । ଗତ ସାତ ବର୍ଷ ତଳେ ରାୟଗଡା ସଦର ବ୍ଲକ ହାଲୁଆ ଗ୍ରାମର ଆଦିବାସୀ ଯୁବତୀ ଗୌତମୀ ଜାକାକା ମୁଖ କର୍କଟ ରୋଗରେ ପୀଡିତ ଥିଲେ । ତେବେ ଜିଲ୍ଲା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଯିବା ସହ ଚେରମୁଳି ଚିକିତ୍ସା ଆରମ୍ଭ କରିଥିଲେ । ତେବେ ସାତ ବର୍ଷ ପରେ ପାଟିରେ ଟ୍ୟୁମର୍ ଟି ବଢିଯାଇଥିଲା । ଗୌତମୀଙ୍କ ପରିବାର ଲୋକେ ରାୟଗଡା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତି କରିବା ସହ ତାଙ୍କର ବାଇଓପ୍ସି ପରୀକ୍ଷା କରାଯାଇଥିଲା । ତେବେ ଜିଲ୍ଲା ଡାକ୍ତରଖାନାରେ ଅସ୍ତ୍ରୋପ୍ରଚାର ପାଇଁ ଆନୁଶଙ୍ଗିକ ବ୍ୟବସ୍ଥା ନଥିବା



ବେଳେ ତାଙ୍କୁ କଟକର ଏକ କେନସର୍ ହସ୍ପିଟାଲରେ ଭର୍ତି କରାଯାଇଥିଲା । ତେବେ ଡାକ୍ତର ହୀରାଚାନ୍ଦ ପଟ୍ଟନାୟକ ସେହି ଡାକ୍ତରୀଟିମ୍ ରେ ସାମିଲ ହୋଇ ଗତ ରବିବାର ଦିନ ଏହି ବିରଳ ଅସ୍ତ୍ରୋପ୍ରଚାର କରିଥିଲେ । ତେବେ ତିନି ଦିନ ସେ ଉକ୍ତ ହସ୍ପିଟାଲର ଆଇସିୟୁରେ ରହିବା ପରେ ଏବେ ସୁସ୍ଥ ଅଛନ୍ତି । କର୍କଟ ରୋଗରେ ଆକ୍ରାନ୍ତ ଗୌତମୀ ଜାକାକାଙ୍କ ସମସ୍ତ ଚିକିତ୍ସା ଆୟୁଷ୍ମାନ୍ ଯୋଜନାରେ ହୋଇଥିବା କୁହାଯାଇଛି । ତେବେ ସରକାରୀ ଡାକ୍ତରଖାନାରେ ଚିକିତ୍ସା ହେବା ଓ ନିଜେ ଡାକ୍ତର ପଟ୍ଟନାୟକ ଏହି ଅସ୍ତ୍ରୋପ୍ରଚାର କରିଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଛି । ଅନ୍ୟପଟେ ଆଦିବାସୀ ଅଧୁଷିତ ରାୟଗଡା ଜିଲ୍ଲାରେ ଗରୀବ ଲୋକଙ୍କ ସେବାରେ ସେ ସମର୍ପିତ ବୋଲି ଡାକ୍ତର ହୀରାଚାନ୍ଦ ପଟ୍ଟନାୟକ କହିଛନ୍ତି ।

# ଖରୀଆର ରୋଡ଼ ସୌନ୍ଦର୍ଯ୍ୟକରଣ: ଚତୁର୍ଥ ଦିନରେ ବି ଅବ୍ୟାହତ ରହିଛି ଜବରଦଖଲ ଉଚ୍ଛେଦ

ନୂଆପଡ଼ା,(ନି.ପ୍ର):ନୂଆପଡ଼ା ଜିଲ୍ଲାର ଓଡ଼ିଶା ସୀମାନ୍ତବର୍ତୀ ପ୍ରମୁଖ ସହର ଖରୀଆର ରୋଡ୍ ?ର ରୂପରେଖ ବଦଳାଇବା ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତା ଓସାରିକରଣ କାର୍ଯ୍ୟ ଜୋରଦାର ଚାଲିଛି । ଏହି କ୍ରମରେ ୩୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ହୋଇଥିବା ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆଜି ଚତୁର୍ଥ ଦିନରେ ପହଂଚିଛି । ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ଭଙ୍ଗାରୁଜା ଓ ଜବରଦଖଲ ମୁକ୍ତ ଅଭିଯାନ ନିରବଚ୍ଛିନ୍ନ ଭାବେ ଜାରି ରହିଛି ।ଉଲ୍ଲେଖଯୋଗ୍ୟ ଯେ, ୩୫୩ ନମ୍ବର ଜାତୀୟ ରାଜପଥ ଖରୀଆର ରୋଡ ସହର ମଧ୍ୟଦେଇ ଦୀର୍ଘ ୪ କିଲୋମିଟର ପର୍ଯ୍ୟନ୍ତ ଅତିକ୍ରମ କରିଛି । ଦିନକୁ ଦିନ ଯାତାୟାତ ବୃଦ୍ଧି ପାଉଥିବାରୁ ଏହି ରାସ୍ତାର ଓସାରିକରଣ ଓ ସୌନ୍ଦର୍ଯ୍ୟକରଣ ନିହାତି ଆବଶ୍ୟକ ହୋଇପଡ଼ିଥିଲା । ତେବେ ଏହି ଉଚ୍ଛେଦ ଅଭିଯାନ ସମୟରେ କୌଣସି ପକ୍ଷପାତିତା କରାଯାଉ ନଥିବା ଦେଖିବାକୁ ମିଳିଛି ।ଆଜି ଚତୁର୍ଥ ଦିନର ଉଚ୍ଛେଦ କାର୍ଯ୍ୟକ୍ରମ ସମୟରେ



ନୂଆପଡ଼ା ଜିଲ୍ଲାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଏବଂ ତାଙ୍କ ପୁଅ ଥଥା ବର୍ତମାନର ନୂଆପଡ଼ା ବିଧାୟକ ଜୟ ଢୋଲକିଆଙ୍କ ବାସଭବନ ସମ୍ମୁଖରେ ଥିବା ନିର୍ମାଣକୁ ମଧ ଭଙ୍ଗାରୁଜା କରାଯାଇଛି ।ଏହି ସମ୍ପର୍କରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ନିଜର ପ୍ରତିକ୍ରିୟା ରଖି କହିଛନ୍ତି, 'ସହରର ବିକାଶ ଓ ସାମୂହିକ ସ୍ୱାର୍ଥ ସବୁବେଳେ ପ୍ରଥମ । ଅଂଚଳର ଉନ୍ନତି ଓ ବିକାଶମୂଳକ କାର୍ଯ୍ୟରେ କୌଣସି ପ୍ରକାର ବାଧା ଉପୁଜିବାକୁ ଦିଆଯିବ ନାହିଁ ।' ସେ ଆହୁରି ମଧ କହିଛନ୍ତି ଯେ, ଖରୀଆର ରୋଡକୁ ଏକ ବିକଶିତ, ସୁନ୍ଦର ଓ ସୁସଂଗଠିତ ସହର ଭାବେ ଗଢ଼ିତୋଳିବା ଆମର ପ୍ରାଥମିକ ସଂକଳ୍ପ । ଏହି ବିକାଶ ଯାତ୍ରାରେ ସମସ୍ତ ସାଧାରଣ ଜନତା ସହଯୋଗ କରିବା ସହ ସାମୂହିକ ସ୍ୱାର୍ଥ ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି ।

# ପ୍ରବାଚକ ଭାଗବତ ପଣ୍ଡା ପାଇଲେ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ -୨୦୨୬

ବାରିପଦା (ନି.ପ୍ର.)ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଓଡ଼ିଶା ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ଥ ଶ୍ରୀପାଦ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ମୋହୋତ୍ସବ ଓ ନବାଦୀନାତ୍ମକ ରମ ଚରିତ ମାନସ ପରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ର ପୀଠ ସାଲେପୁରର ଗୋପୀନାଥ ପୁରଠାରେ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି । ଉଦଯାପନ ସମାରୋହ ରେ ସନ୍ଥ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମୁଖ୍ୟ ଅତିଥି , ତୁଳସୀ ଦାସ ଜୟନ୍ତୀ କମିଟିର ପରିଚାଳନା ମୁଖ୍ୟ ବିଜୟ କୁମାର ଦେବତା (ରାମାୟଣୀ) ମୁଖ୍ୟ ବକ୍ତା, ପ୍ରବକ୍ତା ପରିଷଦର ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଦୀର୍ଘ ୪୬ ବର୍ଷ ଧରି ଶ୍ରୀ ଜଗନ୍ନାଥ ସଂସ୍କୃତି



କ୍ଷେତ୍ରରେ ଗବେଷଣା ଜାରି ରଖିଥିବା ଓ ସମଗ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରେ ମଧ ରାମ କଥାର ପ୍ରବଚନ ଗଙ୍ଗା ପ୍ରବାହରେ ଜଣେ ପ୍ରଥିତ ଯଶା ସାଗ୍ନିକ କଥା ବ୍ୟାସ ହେତୁ ପ୍ରବାଚକ ଭାଗବତ ପଣ୍ଡାଙ୍କୁ ସମ୍ମାନ ଜନକ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ -୨୦୨୬ ପ୍ରଦାନ କରିଥିଲେ । ସମ୍ମାନ ସ୍ୱରୂପ ମାନ ପତ୍ର , ଶ୍ରୀ ଜଗନ୍ନାଥଙ୍କ ଫୋଟୋ , ଉତରୀୟ, ପଦକ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘ ୯ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦଯାପନ ସନ୍ଧ୍ୟାରେ ସମ୍ବର୍ଦ୍ଧନାର ଉତର ଦେଇ ପ୍ରବାଚକ ଶ୍ରୀ ପଣ୍ଡା କହିଲେ ରାମାୟଣ କେବଳ ଏକ କାହାଣୀ ନୁହେଁ , ଏହା ଏକ ଆଚରଣୀୟ ଗ୍ରନ୍ଥ । ପୁରୁଷୋତମ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନାଦର୍ଶକୁ ସମସ୍ତେ ନିଜ ଜୀବନରେ, ପାରିବାରିକ ଜୀବନ ଭିତରେ , ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନରେ ଅନୁପାଳନ କଲେ ଏକ ସୁନ୍ଦର ସମାଜ ତିଆରି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମଂଚାସୀନ ଅତିଥିମାନେ ଶ୍ରୀରାମଙ୍କ ତ୍ୟାଗ ପୂତ ଜୀବନ, ଭରତଙ୍କ ମହନୀୟ ଚରିତ୍ର, ସୀତାଙ୍କର ପତି ପରାୟଣତା, ଲକ୍ଷ୍ମଣଙ୍କ ରାମଙ୍କୁ ନିସ୍ୱାର୍ଥପର ଭାବେ ଭଲ ପାଇବା ରାମଙ୍କର ସମ୍ମାନକୁ ସମାଜରେ ପ୍ରତିଷ୍ଠିତ କରାଇବାପାଇଁ ସବୁ ପ୍ରକାର ନିନ୍ଦା ଅପବାଦକୁ ସହ୍ୟ କରି ମାତା କୈକେୟୀ କିପରି ଜଣେ ମହନିୟା ନାରୀର ଭୂମିକା ନିଭାଇଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରିଶେଷରେ କୋଷାଧ୍ୟକ୍ଷ ଅର୍ଜୁନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୨ ବର୍ଷ ପୂରଣ କଲା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୮ ଅଗଷ୍ଟ ୨୦୧୪ରେ ତାଙ୍କର ପ୍ରଥମ ଯୋଜନାଗୁଡ଼ିକ ମଧ୍ୟରୁ ଅନ୍ୟତମ, 'ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମଜେଡିଓ୍ୱାଇ)'ର ଶୁଭାରମ୍ଭ କରିଥିଲେ । ଏହି ଯୋଜନା ଏବେ ୧୨ ବର୍ଷ ପୂରଣ କରିଛି । ପିଏମଜେଡିଓ୍ୱାଇର ଏହି ୧୨ ବର୍ଷର ଯାତ୍ରା ଭାରତର ଆର୍ଥିକ କ୍ଷେତ୍ରରେ ଏକ ବଡ଼ ପରିବର୍ତନ ଆଣିଛି । ଆର୍ଥିକ ଅନ୍ତର୍ଭୂକ୍ତୀକରଣ କ୍ଷେତ୍ରରେ ଏହି ଯୋଜନା ବିଶ୍ୱସ୍ତରରେ ଏକ ଅନୁକରଣୀୟ ଉଦାହରଣରେ ପରିଣତ ହୋଇଛି । ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୂକ୍ତୀକରଣ ପଦକ୍ଷେପ ଭାବେ ଏହି ଯୋଜନା ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ବ୍ୟାଙ୍କିଂ ସେବାର ସୁବିଧାକୁ ଆହୁରି ସହଜ ଓ ସୁଗମ କରିବାରେ ନୂଆ ଦିଗ ଦେଖାଇଚାଲିଛି ।ଆର୍ଥିକ ଅନ୍ତର୍ଭୂକ୍ତୀକରଣର ସମ୍ପ୍ରସାରଣ: ଆର୍ଥିକ ସମାବେଶକୁ ସୁଦୃଢ଼ କରିବା ସହ ବିଭିନ୍ନ ଯୋଜନା ଓ ଜନସଚେତନତା କାର୍ଯ୍ୟକ୍ରମ ଜରିଆରେ ସମାଜର ଅବହେଳିତ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କୁ ସହାୟତା ଯୋଗାଇବା ପାଇଁ ଅର୍ଥ ମନ୍ତ୍ରଣାଳୟ ପ୍ରତିବଦ୍ଧ ରହିଛି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସୁବିଧାରୁ ବଂଚିତ ପ୍ରତ୍ୟେକ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କୁ ଏକ ସାଧାରଣ ବ୍ୟାଙ୍କ ଖାତା ଖୋଲିବାର ସୁବିଧା ମିଳୁଛି । ଏଥିପାଇଁ କୌଣସି ସର୍ବନିମ୍ନ ଜମା ରାଶିର ଆବଶ୍ୟକତା ନାହିଁ କିମ୍ବା ଖାତା ରକ୍ଷଣାବେକ୍ଷଣ ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼େ ନାହିଁ ।

ପ୍ରତ୍ୟେକ ଖାତାଧାରୀଙ୍କୁ ମାଗଣା ରୁପେ ଡେବିଟ୍ କାର୍ଡ ଏବଂ ୨ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ସୁରକ୍ଷା ମିଳିଥାଏ । ଏହା ଡିଜିଟାଲ୍ କାରବାରକୁ ପ୍ରୋତ୍ସାହିତ କରିବା ସହ ଖାତାଧାରୀଙ୍କ ଆର୍ଥିକ ସୁରକ୍ଷାକୁ ମଧ ସୁଦୃଢ଼ କରୁଛି । ଏହାଛଡ଼ା, ଜରୁରୀ ସମୟରେ ଆର୍ଥିକ ସହାୟତା ଯୋଗାଇବା ପାଇଁ ଖାତାଧାରୀମାନେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ପାଇପାରୁଛନ୍ତି । ପିଏମଜେଡିଓ୍ୱାଇ ଖାତାଗୁଡ଼ିକ ଜନ ସୁରକ୍ଷା ଯୋଜନା ମାଧ୍ୟମରେ ଅସଂଗଠିତ କ୍ଷେତ୍ରର ଲକ୍ଷ ଲକ୍ଷ ଶ୍ରମିକଙ୍କୁ ଜୀବନ ଓ ଦୁର୍ଘଟଣା ବୀମା ସୁବିଧା ସହ ଯୋଡ଼ିବାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଏଥିରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅନ୍ତର୍ଭୁକ୍ତ ।ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, "୨୮ ଅଗଷ୍ଟ ୨୦୧୪ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଜାତୀୟ ମିଶନ, ଯାହାକି 'ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା' ଭାବେ ଲୋକପ୍ରିୟ, ତାହାର ଶୁଭାରମ୍ଭ କରିଥିଲେ । ଆଜି ମୁଁ ଆନନ୍ଦିତ ଯେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ତା'ର ଦ୍ୱାଦଶ ବାର୍ଷିକୀ ପାଳନ କରୁଛି । ଆମେ ଏହି ଯୋଜନାକୁ କେବଳ ୫୯ କୋଟିରୁ ଅଧିକ ଆକାଉଂଟ ଖୋଲିବା, ୩.୧୭ ଲକ୍ଷ କୋଟି ଟଙ୍କାର ଜମା ରାଶି ହାସଲ କରିବା କିମ୍ବା ୪୧.୨୯ କୋଟି ମାଗଣା ରୁପେ କାର୍ଡ ଜାରି କରିବା ଦୃଷ୍ଟିରୁ ଦେଖିବା ଉଚିତ୍ ନୁହେଁ; ବରଂ ଦେଶର ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ କ୍ଷେତ୍ରରେ ଏହା ଆଣିଥିବା ପରିବର୍ତନ ଦୃଷ୍ଟିରୁ ଦେଖିବା ଉଚିତ୍, ଯେଉଁଠାରେ ସମାଜର ଶେଷ ବ୍ୟକ୍ତି, ଗରିବତମ ବ୍ୟକ୍ତି ନିକଟରେ ମଧ ବିନା ବିଳମ୍ବରେ ଏବଂ ବିନା ମଧ୍ୟସ୍ଥିଙ୍କ ସହାୟତାରେ ଆର୍ଥିକ ସେବା ପହଂଚାଯାଇପାରିଛି ।" "ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଅଧୀନରେ ୭୮% ଆକାଉଂଟ ଗ୍ରାମାଂଚଳ କିମ୍ବା ଅର୍ଦ୍ଧ-ସହରାଂଚଳରେ ଖୋଲାଯାଇଛି ଏବଂ ଏହାର ପ୍ରାୟ ୫୬% ଖାତା ମହିଳାମାନଙ୍କର ଅଟେ, ଯାହା ଏହି ଯୋଜନାର ପ୍ରାଥମିକତାକୁ ଦର୍ଶାଉଛି-ଯାହାର ଲକ୍ଷ୍ୟ ଥିଲା ଦେଶର ସୁଦୂର ଅଂଚଳରେ ରହୁଥିବା ଅବହେଳିତ ଲୋକଙ୍କୁ ବିଧିବଦ୍ଧ ଆର୍ଥିକ କ୍ଷେତ୍ର ସହିତ ଯୋଡ଼ିବା ।'ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଲକ୍ଷ ଲକ୍ଷ ଲୋକଙ୍କୁ, ବିଶେଷକରି ସମାଜର ଅବହେଳିତ ଓ ବଂଚିତ ବର୍ଗଙ୍କୁ, ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବାର ସୁବିଧା ପାଇବାରେ ସଶକ୍ତ କରିଛି । ବ୍ୟାଙ୍କ ଖାତା ଥିବାରୁ ସାଧାରଣ ଲୋକଙ୍କ ପାଇଁ ବୀମା ଓ ପେନ୍ସନ୍ ସୁରକ୍ଷା ପାଇବାର ରାସ୍ତା ସହଜ ହୋଇଛି । ପ୍ରତ୍ୟେକ ରାଜ୍ୟ ଓ ଜିଲ୍ଲାରେ ନିରନ୍ତର ଭାବେ ଚାଲିଥିବା ଅଭିଯାନ ଜରିଆରେ ଆମେ ପ୍ରାୟ ସାର୍ବଜନୀନ ଭାବେ ବ୍ୟାଙ୍କ ଖାତା ସୁବିଧା ପହଂଚାଇବା ଦିଗରେ ଆଗେଇଛୁ । ଏଥିସହିତ, ଯେଉଁମାନଙ୍କୁ ଏହି ସୁବିଧାର ସବୁଠାରୁ ଅଧିକ ଆବଶ୍ୟକ, ସେମାନଙ୍କ ପାଖରେ ବୀମା ଓ ପେନ୍ସନ୍ ଯୋଜନାର ସୁବିଧାକୁ ମଧ କ୍ରମାଗତ ଭାବେ ପହଂଚାଯାଇଛି ।ପିଏମଜେଡିଓ୍ୱାଇର ୧୨ତମ ବାର୍ଷିକୀ ଅବସରରେ, ଏହି ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବା ଏବଂ ଏହାକୁ ଏକ ବଡ଼ ସଫଳତାରେ ପରିଣତ କରିବାରେ ସାରା ଦେଶରେ ନିୟୋଜିତ ବ୍ୟାଙ୍କ କର୍ମଚାରୀ ଓ ବିଜନେସ୍ କରେସପଣ୍ଡେଂଟମାନଙ୍କ ଉଦ୍ୟମକୁ ମୁଁ ପ୍ରଶଂସା କରୁଛି ।''ଜେଏଏମ ତ୍ରିରନ୍: ଏକ ପରିବର୍ତନକାରୀ ପଦକ୍ଷେପଜନ-ଧନ, ଆଧାର ଏବଂ ମୋବାଇଲ୍ (ଜେଏଏମ) ତ୍ରିରନ୍-ଯାହାର କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ରହିଛି, ତାହା ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏକ ହେରଫେର-ମୁକ୍ତ ବ୍ୟବସ୍ଥା ଭାବରେ ପ୍ରମାଣିତ ହୋଇଛି । ଜେଏଏମ ମାଧ୍ୟମରେ, ସରକାର ମଧ୍ୟସ୍ଥି ଏବଂ ବିଳମ୍ବକୁ ଦୂର କରି, ଗରିବ ଓ ଅବହେଳିତ ଲୋକଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ କଲ୍ୟାଣକାରୀ ଯୋଜନାର ସୁଫଳ ସଫଳତାର ସହ ହସ୍ତାନ୍ତର କରିପାରୁଛନ୍ତି ।ମୁଖ୍ୟ ସଫଳତା ଓ ଉପଲବ୍ଧି(୧୯ ଅଗଷ୍ଟ ୨୦୨୬ ସୁଦ୍ଧା)କ. ପିଏମଜେଡିଓ୍ୱାଇ ଖାତା: ୫୯.୦୯ କୋଟି ୧୯ ଅଗଷ୍ଟ ୨୦୨୬ ସୁଦ୍ଧା ପ୍ରଧାନମନ୍ତ୍ରୀ ଜନଧନ




ଯୋଜନା ଅଧୀନରେ ମୋଟ ୫୯.୦୯ କୋଟି ବ୍ୟାଙ୍କଖାତା ରହିଛି । ଏଥିମଧ୍ୟରୁ ୫୫.୭ ପ୍ରତିଶତ (୩୨.୯୨ କୋଟି) ଖାତାଧାରୀ ମହିଳା ଅଟନ୍ତି । ସେହିପରି, ୭୭.୮ ପ୍ରତିଶତ (୪୫.୯୫ କୋଟି) ଜନଧନ ଖାତା ଗ୍ରାମୀଣ ଓ ଅର୍ଦ୍ଧ-ସହରାଂଚଳରେ ରହିଛି ।ଖ. ପିଏମଜେଡିଓ୍ୱାଇ ଖାତାରେ ଜମା: ୩.୧୭ ଲକ୍ଷ କୋଟି ଟଙ୍କା ଏହି ଯୋଜନା ଅଧିନରେ ଖୋଲାଯାଇଥିବା ଖାତାଗୁଡ଼ିକରେ ମୋଟ ୩,୧୬,୫୧୪ କୋଟି ଟଙ୍କାର ଜମା ରହିଛି । ଗତ ୧୨ ବର୍ଷ ମଧ୍ୟରେ (ଅଗଷ୍ଟ ୨୦୧୫ରୁ ଅଗଷ୍ଟ ୨୦୨୬) ଖାତାରେ ଥିବା ଜମା ରାଶି ପ୍ରାୟ ୧୨.୮ ଗୁଣ ବୃଦ୍ଧି ପାଇଥିବାବେଳେ ଖାତା ସଂଖ୍ୟା ୨.୩ ଗୁଣ ବଢ଼ିଛି ।ଗ. ପିଏମଜେଡିଓ୍ୱାଇ ଖାତା ପିଛା ହାରାହାରି ଜମା ରାଶି –୫,୩୫୬ ଟଙ୍କା ୧୯ ଅଗଷ୍ଟ ୨୦୨୬ ସୁଦ୍ଧା ଏହି ଯୋଜନା ଖୋଲାଯାଇଥିବା ଖାତା ପିଛା ହାରାହାରି ଜମା ରାଶି ୫,୩୫୬ ଟଙ୍କା ଥିଲା । ଗତ ୧୨ ବର୍ଷ ମଧ୍ୟରେ ଖାତା ପିଛା ହାରାହାରି ଜମା ରାଶି ୩.୪ ଗୁଣ ବୃଦ୍ଧି ପାଇଛି । ହାରାହାରି ଜମା ରାଶିର ଏହି ବୃଦ୍ଧି ଆକାଉଂଟଗୁଡ଼ିକର ଅଧିକ ବ୍ୟବହାର ଏବଂ ଆକାଉଂଟଧାରୀମାନଙ୍କ ମଧ୍ୟରେ ସଂଚୟ ମନୋଭାବର ବୃଦ୍ଧିକୁ ଦର୍ଶାଉଛି ।ଘ. ପିଏମଜେଡିଓ୍ୱାଇ ଖାତାଧାରୀଙ୍କୁ ଜାରି ରୁପେ କାର୍ଡ: ୪୧.୨୯ କୋଟି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଖାତାଧାରୀଙ୍କୁ ୪୧.୨୯ କୋଟି ରୁପେ କାର୍ଡ ଜାରି କରାଯାଇଛି । ସମୟକ୍ରମେ ରୁପେ କାର୍ଡର ସଂଖ୍ୟା ସହ ଏହାର ବ୍ୟବହାର ମଧ ବୃଦ୍ଧି ପାଇଛି ।ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ସଫଳତା ପଛରେ ଏହାର ମିଶନ୍ ମୋଡ୍ରେ କାର୍ଯ୍ୟାନ୍ୱୟନ, ନିୟାମକ ସଂସ୍ଥାଗୁଡ଼ିକର ସମର୍ଥନ, ସରକାରୀ-ବେସରକାରୀ ଭାଗୀଦାରି ଏବଂ ବାୟୋମେଟ୍ରିକ୍ ଯାଂଚ ପାଇଁ ଆଧାର ଭଳି ଡିଜିଟାଲ୍ ସାର୍ବଜନୀନ ଭିତିଭୂମିର ସମନ୍ୱୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ।ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗରେ ଏହି ଯୋଜନା ଏବେ ମଧ ପ୍ରଥମ ପାହାଚ ଭାବେ କାର୍ଯ୍ୟ କରୁଛି । ପୂର୍ବରୁ ଔପଚାରିକ ଆର୍ଥିକ ବ୍ୟବସ୍ଥାରୁ ବାଦ ପଡ଼ିଥିବା ଲୋକଙ୍କୁ ସଂଚୟ ଓ ଋଣ ସୁବିଧା ଯୋଗାଇ ଏ କ୍ଷେତ୍ରରେ ଆହୁରି ଅଗ୍ରଗତି ହାସଲ କରାଯାଉଛି । ଖାତାଧାରୀଙ୍କ ନିୟମିତ ସଂଚୟ ପ୍ରବୃତି ଦୃଶ୍ୟମାନ ହେବା ପରେ ସେମାନେ ମୁଦ୍ରା ଋଣ ସମେତ ବିଭିନ୍ନ ଋଣ ପାଇବାକୁ ଯୋଗ୍ୟ ହେଉଛନ୍ତି । ଏହା ସେମାନଙ୍କୁ ଆୟ ବଢ଼ାଇବା ସହ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରୁଛି । ପିଏମଜେଡିଓ୍ୱାଇ ଏହାର ୧୩ତମ ବର୍ଷରେ ପ୍ରବେଶ କରୁଥିବା ବେଳେ ମଧ ସମାବେଶୀ ବିକାଶ, ଡିଜିଟାଲ୍ ନବସୃଜନ ଓ ଆର୍ଥିକ ସଶକ୍ତୀକରଣର ଏକ ପ୍ରେରଣାଦାୟୀ ଉଦାହରଣ ଭାବେ ନିଜର ଯାତ୍ରା ଜାରି ରଖିଛି । ଏହାର ନିରନ୍ତର ସଫଳତା ଆର୍ଥିକ ସୁସ୍ଥତା ଦିଗରେ ଭାରତର ଯାତ୍ରାରେ କୌଣସି ନାଗରିକ ଯେପରି ପଛରେ ନ ପଡ଼ନ୍ତି, ଏହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ସକ୍ଷମ ଦ୍ୱାରା ଦିବ୍ୟାଙ୍ଗ ସଶକ୍ତିକରଣ ଶିବିର ଆୟୋଜନ

ଭୁବନେଶ୍ୱର,: ସକ୍ଷମ ଓଡ଼ିଶା ପୂର୍ବ ପକ୍ଷରୁ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାଠାରେ ଏକ ବୃହତ୍ ଦିବ୍ୟାଙ୍ଗ ସଶକ୍ତିକରଣ ଶିବିର ଆୟୋଜିତ ହୋଇଛି । ଏହି ଶିବିରରେ ପ୍ରାୟ ୫୦୦ ଜଣ ଅଂଶଗ୍ରହଣ କରିଥିବାବେଳେ ୧୮୨ ଜଣ ଦିବ୍ୟାଙ୍ଗଜନଙ୍କୁ ବିଭିନ୍ନ ପ୍ରକାରର ସହାୟକ ଉପକରଣ ବଂଟନ କରାଯାଇଛି ।ଏହି ଅବସରରେ ମୋଟରାଇଜଡ଼



ବ୍ୟାଟେରୀ ଚାଳିତ ଯାନ, ହ୍ୱିଲଚେୟାର, ଟ୍ରାଇସାଇକେଲ, କମୋଡ୍ ହ୍ୱିଲଚେୟାର, କ୍ରଚ୍, ସହାୟକ ବେଲ୍ଟ, ଭେଷ୍ଟ ଓ ହିୟାରିଂ ଏଡ୍ ଆଦି ଉପକରଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏହା ଦ୍ୱାରା ଦିବ୍ୟାଙ୍ଗଜନଙ୍କ ଗତିଶୀଳତା, ସ୍ୱାଧୀନତା, ଆତ୍ମନିର୍ଭରଶୀଳତା ଓ ସମ୍ମାନଜନକ ଜୀବନଯାପନରେ ସହାୟତା ମିଳିବ ।ସମାବେଶକୁ ସମ୍ବୋଧନ କରି ମୁଖ୍ୟ ଅତିଥି ଖଣ୍ଡପଡ଼ାର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସମାବେଶୀ ସମାଜ ଗଠନ ଓ ଦିବ୍ୟାଙ୍ଗଜନଙ୍କୁ ସଶକ୍ତ କରିବା ଦିଗରେ ସକ୍ଷମର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲାମାଜିଷ୍ଟ୍ରେଟ୍ ? ମଧୁମିତା ରଥ ଏକ ନ୍ୟାୟସଙ୍ଗତ ଓ ସୁସ୍ଥ ସମାଜ ଗଠନ ପାଇଁ ସାମୂହିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସକ୍ଷମର ଜାତୀୟ ଉପାଧ୍ୟକ୍ଷ କମଳାକାନ୍ତ



ପାଣ୍ଡେ, ଜାତୀୟ ମହାସଚିବ ଉମେଶ ଅନ୍ଧାରେ, ଓଡ଼ିଶା ରାଜ୍ୟ ସଚିବ ମନସ୍ମିତା ଜେନା, ନୟାଗଡ଼ ଶାଖା ସଭାପତି ଅଖିଳ ମହାରଣା ଓ ଏସ୍ ?ଭିଏନ୍ ?ଆଇଆ ?ଟିଏଆ ?ର ନିର୍ଦ୍ଦେଶକ ପି.ପି. ମହାନ୍ତିଙ୍କ ସମେତ ବହୁ ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଓ ସମୁଦାୟର ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ପ୍ରକୃତ ସଶକ୍ତିକରଣ କେବଳ ସହାୟତା ପ୍ରଦାନ କରିବା ନୁହେଁ— ଏହା ସୁଯୋଗ ସୃଷ୍ଟି କରିବା, ଆତ୍ମବିଶ୍ୱାସ ପୁନଃସ୍ଥାପନ କରିବା ଏବଂ ପ୍ରତ୍ୟେକ ଦିବ୍ୟାଙ୍ଗଜନଙ୍କୁ ସମାଜରେ ଗର୍ବର ସହିତ ଠିଆ ହେବାକୁ ସକ୍ଷମ କରିବା ବୋଲି ସକ୍ଷମ ଓଡ଼ିଶା ପୂର୍ବ ପକ୍ଷରୁ ଦର୍ଶା ଯାଇଥିଲା । "ସକ୍ଷମ ଭାରତ : ସମର୍ଥ ଭାରତ"ଗଠନର ବୃହତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଓଡ଼ିଶାରେ ଦିବ୍ୟାଙ୍ଗଜନ ମାନଙ୍କର ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନ ଧାରଣକୁ ସୁନିଶ୍ଚିତ କରିବା ନେଇ ସକ୍ଷମ ଓଡ଼ିଶା ପୂର୍ବ ପକ୍ଷରୁ ଏଭଳି ପ୍ରୟାସ ଆଗାମୀ ଦିନରେ ମଧ ଜାରୀ ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।

# ଦାନବୀର: ଗ୍ରାମ ପଂଚାୟତର ଡିଜିଟାଲ୍ ଭିତିଭୂମି ସୁଦୃଢ଼ ପାଇଁ ଜନସହଭାଗିତାକୁ ଆହ୍ୱାନ


ନୂଆଦିଲ୍ଲୀ : ତୃଣମୂଳ ସ୍ତରରେ ଡିଜିଟାଲ୍ ଭିତିଭୂମିକୁ ମଜବୁତ୍ କରିବା ପାଇଁ 'ଦାନବୀର' ସାଜି ଜନ ଭାଗୀଦାରୀରେ ସାମିଲ ହେବାକୁ ପଂଚାୟତ ରାଜ ମନ୍ତ୍ରାଳୟ ନିବେଦନ କରିଛି । ଏହି କମ୍ପ୍ୟୁଟର କ୍ରାଉଡଫ୍ସୋର୍ସିଂ ଅଭିଯାନ ମାଧ୍ୟମରେ ସାଧାରଣ ନାଗରିକ ଏବଂ ଅନୁଷ୍ଠାନଗୁଡ଼ିକ ଏକ ସରଳ, ସ୍ୱଚ୍ଛ ଓ ପ୍ରଯୁକ୍ତିବିଦ୍ୟା-ଭିତିକ ବ୍ୟବସ୍ଥା ଦ୍ୱାରା ନିଜର ଡେସ୍କଟପ୍ କମ୍ପ୍ୟୁଟର ସିଧାସଳଖ ଯୋଗ୍ୟ ଗ୍ରାମ ପଂଚାୟତଗୁଡ଼ିକୁ ଦାନ କରିପାରିବେ । ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଭଳି ସରକାରୀ ଯୋଜନା ଜରିଆରେ ଯୋଗାଇ ଦିଆଯାଉଥିବା ଭିତିଭୂମି ସହାୟତାକୁ ଆହୁରି ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ ଡିଜିଟାଲ୍ ଶାସନ ଓ ସେବା ଯୋଗାଣ ପ୍ରକ୍ରିୟାକୁ ଗତିଶୀଳ କରିବା ଏହି ସ୍ୱେଚ୍ଛାକୃତ ଜନ ଭାଗୀଦାରୀ ଅଭିଯାନର ମୁଖ୍ୟ ଲକ୍ଷ୍ୟ । 'ଦାନବୀର' ଗ୍ରାମ ପଂଚାୟତକୁ କମ୍ପ୍ୟୁଟର ଦାନ କରିବା ଅନଲାଇନ୍ କ୍ରୟ ପରି ସରଳ ଏବଂ ସୁବିଧାଜନକ କରିଥାଏ । 'ମେରୀ ପଂଚାୟତ' ଆପ୍ ମାଧ୍ୟମରେ ନାଗରିକମାନେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଯାଂଚ ହୋଇଥିବା ଏବଂ ଡେସ୍କଟପ୍ କମ୍ପ୍ୟୁଟର ଆବଶ୍ୟକ କରୁଥିବା ଗ୍ରାମ ପଂଚାୟତଗୁଡ଼ିକୁ ଦେଖିପାରିବେ । ନିଜ ଗ୍ରାମ ପଂଚାୟତ କିମ୍ବା ଅନ୍ୟ କୌଣସି ଯୋଗ୍ୟ ଗ୍ରାମ ପଂଚାୟତକୁ ନିଜ ମୋବାଇଲ୍ ଫୋନ୍ରୁ ହିଁ ସହାୟତା କରିପାରିବେ । 'ଡୋନେଟ୍ କମ୍ପ୍ୟୁଟର' ଉପରେ କ୍ଲିକ୍ କରିବା ପରେ ଦାତାଙ୍କୁ କୌଣସି ପୃଥକ ପଞ୍ଜୀକରଣର ଆବଶ୍ୟକତା ବିନା ସୁରକ୍ଷିତ ଭାବେ ଓଏନ୍ଡିସି ସକ୍ଷମ ଡିଜିଟାଲ୍ ବଜାର 'ଡିଜିହାଟ୍'କୁ ପଠାଇ ଦିଆଯାଏ । ଚୟନ କରାଯାଇଥିବା ପଂଚାୟତର ଠିକଣା ଓ ପ୍ରାପ୍ତକର୍ତାଙ୍କ ବିବରଣୀ ସ୍ୱୟଂଚାଳିତ ଭାବେ ପୂରଣ ହୋଇଯାଏ, ଫଳରେ ହାତରେ ତଥ୍ୟ ଭରିବାର ଆବଶ୍ୟକତା ପଡେ ନାହିଁ । ଦାତାମାନେ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ଅନୁଯାୟୀ ପ୍ରସ୍ତୁତ ମାନକ କମ୍ପ୍ୟୁଟର ପ୍ୟାକେଜ୍ ମଧ୍ୟରୁ ଚୟନ କରି, ଡିଜିଟାଲ୍ ମାଧ୍ୟମରେ ଅର୍ଥ ପୈଠ କରିପାରିବେ ଏବଂ ଅର୍ଡର ନିଶ୍ଚିତକରଣ, ପ୍ରେରଣ ଠାରୁ ଆରମ୍ଭ କରି ଡେଲିଭରି ଓ ପ୍ରାପ୍ତି ସ୍ୱୀକୃତି ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଟ୍ରାକ୍ କରିପାରିବେ । ଗ୍ରାମ ପଂଚାୟତ ସଚିବଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକୃତି ଦିଆଯିବା ପରେ ଦାତାଙ୍କୁ ଡିଜିଟାଲ୍ ଭାବେ ପ୍ରସ୍ତୁତ 'ପ୍ରଶଂସାପତ୍ର' ପ୍ରଦାନ କରାଯିବ । ଏହିପରି, ଏହି ପଦକ୍ଷେପ ଅଧୀନରେ ଅର୍ଡର ଦେବାଠାରୁ ଆରମ୍ଭ କରି କମ୍ପ୍ୟୁଟର ଡେଲିଭରି ପର୍ଯ୍ୟନ୍ତ ଦାନ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ 'ରିଅଲ୍ ଟାଇମ୍ରେ ଟ୍ରାକ୍ କରାଯାଇପାରିବ', ଯାହା ସଂମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିବ । 'ଦାନବୀର' ମାଧ୍ୟମରେ ଦାନ କରାଯାଇଥିବା ଏକ କମ୍ପ୍ୟୁଟର ଗ୍ରାମ ପଂଚାୟତର ଯୋଜନା ପ୍ରସ୍ତୁତି, ଆର୍ଥିକ ପରିଚାଳନା, ରେକର୍ଡ ସଂରକ୍ଷଣ ଏବଂ ନାଗରିକଙ୍କୁ ସେବା ପ୍ରଦାନ ଭଳି କାର୍ଯ୍ୟରେ ଡିଜିଟାଲ ଶାସନ ପ୍ଲାଟଫର୍ମଗୁଡ଼ିକର ପ୍ରଭାବଶାଳୀ ବ୍ୟବହାର କ୍ଷମତାକୁ ସୁଦୃଢ଼ କରିପାରିବ । ଏହି ପଦକ୍ଷେପ ଏହି ପ୍ରଭାବ ସହ ଏକ ସ୍ୱଚ୍ଛ ଦାନ ପ୍ରକ୍ରିୟାକୁ ଯୋଡ଼ିଛି । ଏହା ମାଧ୍ୟମରେ ଜନସାଧାରଣ ନିଜ ଗ୍ରାମ ପଂଚାୟତର ଦାନର ସ୍ଥିତି ଦେଖିପାରିବା ସହ ଦାତାମାନେ ନିଜ ଅବଦାନକୁ ଡିଜିଟାଲ ଭାବେ ଟ୍ରାକ୍ କରିପାରିବେ । ନିଜ ଗାଁଠାରୁ ଦୂରରେ ରହୁଥିବା ନାଗରିକ, ଭାରତୀୟ ପ୍ରବାସୀ ସମୁଦାୟ, ପରୋପକାରୀ ସଂଗଠନ ଏବଂ ସିଏସ୍ଆର ସହଯୋଗୀମାନଙ୍କ ପାଇଁ ମଧ ଏହା ତୃଣମୂଳ ସ୍ତରର ଡିଜିଟାଲ ଭିତିଭୂମିରେ ଅବଦାନ ଦେବା ଏବଂ ନିଜ ଗାଁ ସହ ପୁନଃ ଯୋଡ଼ିହେବାର ଏକ ବିଶ୍ୱସନୀୟ ମାଧ୍ୟମ ପ୍ରଦାନ କରୁଛି । ଅଧିକ ରାଜ୍ୟ ଯୋଗ୍ୟ ଗ୍ରାମ ପଂଚାୟତଗୁଡ଼ିକୁ ଏହି ପଦକ୍ଷେପରେ ସାମିଲ କରୁଥିବାରୁ, 'ଦାନବୀର' ଭବିଷ୍ୟତରେ ସୁଦୃଢ଼ ଓ ଡିଜିଟାଲ ଭାବେ ସଶକ୍ତ ପଂଚାୟତ ପାଇଁ ଏକ ଦେଶବ୍ୟାପୀ ଜନଆନ୍ଦୋଳନର ରୂପ ନେବାର ସମ୍ଭାବନା ରହିଛି । ୨୭ ଅଗଷ୍ଟ ୨୦୨୬ ମସିହା ସୁଦ୍ଧା ୭୫ଟି ଦାନ ହୋଇସାରିଛି, ଯାହା ଏହି ପଦକ୍ଷେପ ପ୍ରତି ଜନସାଧାରଣଙ୍କ ଉତ୍ସାହପୂର୍ଣ୍ଣ ପ୍ରତିକ୍ରିୟା ଓ ବଢୁଥିବା ଗ୍ରହଣୀୟତାକୁ ପ୍ରତିଫଳିତ କରୁଛି । ଦାନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହେବା ପରେ ଦାତାମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଏ । ଏହା ସ୍ଥାନୀୟ ଶାସନକୁ ସୁଦୃଢ଼ କରିବାରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦିଏ । 'ଦାନବୀର' ଅଂଶଗ୍ରହଣମୂଳକ ଶାସନର ଏକ ଅଭିନବ ମଡେଲ୍ ଭାବେ ସରକାରଙ୍କ ତୃଣମୂଳ ସ୍ତରର ପ୍ରତିଷ୍ଠାନଗୁଡ଼ିକୁ ସୁଦୃଢ଼ କରିବାର ପ୍ରୟାସକୁ ସ୍ୱେଚ୍ଛାକୃତ ଜନଭାଗିଦାରୀ ମାଧ୍ୟମରେ ପରିପୂରକ କରୁଛି । ନାଗରିକ, ପରୋପକାରୀ ବ୍ୟକ୍ତି ଓ ସଂଗଠନ, ସିଏସ୍ଆର ସହଯୋଗୀ ଏବଂ ଭାରତୀୟ ପ୍ରବାସୀ ସମୁଦାୟର ସଦସ୍ୟମାନଙ୍କୁ ଆଗେଇ ଆସି 'ଦାନବୀର' ହେବାକୁ ଆହ୍ୱାନ କରାଯାଇଛି ।

# ଈଶ୍ୱରପୁରରେ କଂଗ୍ରେସର ସାଙ୍ଗଠନିକ ବୈଠକ

ନୀଳଗିରି,(ନି.ପ୍ର.): ଆଜି ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ନୀଳଗିରି ନିର୍ବାଚନ ମଣ୍ଡଳୀ ତଥା ଔପଦା ବ୍ଲକ ଅଧିନ ଈଶ୍ୱରପୁର ପଂଚାୟତ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ବ୍ଲକ ସଭାପତି ତପନ ରାଉତ ଙ୍କ ଅଧ୍ୟକ୍ଷତା ରେ ଉକ୍ତ ବୈଠକ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଔପଦା ବ୍ଲକ ଉପ ସଭାପତି ପର୍ଶୁରାମ ପଲେଇ, ଈଶ୍ୱରପୁର ର ତୁଙ୍ଗ ନେତା ସଚିନ୍ଦ୍ର ସାହୁ, ଦିବାକର ବିଶ୍ୱାଳ,ଅନ୍ନପୂର୍ଣ୍ଣା ବେହେରା, ସୁରେନ୍ଦ୍ର ଦାସ ପ୍ରମୁଖ ନେତା ଓ କର୍ମୀ ଉପସ୍ଥିତ ରହି ଈଶ୍ୱରପୁର ବନ୍ୟା ପ୍ରପୀଡ଼ିତ ଭୋଟର ଭାଇ ଭଉଣୀ ମାନଙ୍କ ସମସ୍ୟା ର ସମାଧାନ କରାଯିବା ନେଇ ଆଲୋଚନା ହୋଇଥିଲା । ପରେ ଦଳ ମଜବୁତ ଏବଂ ଆଗାମୀ ୨୦୨୭ ପଂଚାୟତ ନିର୍ବାଚନ ନେଇ ଏକକ ସଂଖ୍ୟା ଗରିଷ୍ଠତା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ନେଇ ନିଷ୍ପତି ଗ୍ରହଣ କରାଯାଇଥିଲା ।




## ପରିଶ୍ରମ, ଜ୍ଞାନ ଏବଂ ମହାନ ଆଚରଣ ଉପରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସଦ୍ଗୁଣ ସମାଜ ଗଠନରେ ଜ୍ଞାନ, ଅଧ୍ୟବସାୟ ଏବଂ ମହାନ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରି ଏକ ସଂସ୍କୃତ ସୁଭାଷିତମ୍ ବାଂଟିଛନ୍ତି । ଏହି ଶ୍ଳୋକ ବ୍ୟକ୍ତିମାନଙ୍କୁ ଆଲୋକ ଏବଂ ଜ୍ଞାନର ପଥ ଅନୁସରଣ କରିବାକୁ, ସେମାନଙ୍କ ପ୍ରୟାସରେ ଜାଗ୍ରତ ଏବଂ ସ୍ଥିର ରହିବାକୁ ଏବଂ ଏକ ମହାନ ଏବଂ ଧାର୍ମିକ ସମାଜ ଗଠନରେ ଯୋଗଦାନ ଦେବାକୁ ଅନୁରୋଧ କରୁଛି : 'ଧୂଳିର ତନ୍ତୁରୁ, ହେ ସୂର୍ଯ୍ୟ, ଆଲୋକର ପଥକୁ ରକ୍ଷା କର, ଏବଂ ଯେଉଁମାନେ ମନ ସହିତ ଏହା କରିଛନ୍ତି ସେମାନଙ୍କୁ ରକ୍ଷା କର ।

## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ : ବର୍ଷା ସମ୍ଭାବନା

ଭୁବନେଶ୍ୱର : ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ଆସୁଛି । ଉତରପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ପାର୍ଶ୍ୱବର୍ତୀ ପଶ୍ଚିମବଙ୍ଗ-ଉତର ଓଡ଼ିଶା ଉପକୂଳରେ ସକ୍ରିୟ ଥିବା ଜଣାପଡ଼ିଛି । ଏହାର ପ୍ରଭାବରେ ଅଗଷ୍ଟ ୨୯ ବେଳକୁ ସମାନ ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉତର ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ଜୁନ୍ ୧ ରୁ ବୁଧବାର (ଅଗଷ୍ଟ ୨୬) ଯାଏଁ ରାଜ୍ୟରେ ସ୍ୱାଭାବିକ ବର୍ଷାଠାରୁ ୨୮% ଅଧିକ ବର୍ଷା ହୋଇଛି । ରାଜ୍ୟର ୪ଟି ଜିଲା ଯଥା ବରଗଡ଼, ବୌଦ୍ଧ, ସୋନପୁର ଏବଂ ବାଲେଶ୍ୱରରେ ସ୍ୱାଭାବିକ ତୁଳନାରେ ଅତ୍ୟଧିକ ବର୍ଷା ହୋଇଛି । ସେହିପରି ୧୮ଟି ଜିଲା ଯଥା ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ମୟୁରଭଞ୍ଜ ଅଧିକ ଏବଂ ଅବଶିଷ୍ଟ ୮ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି ।






### ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ଭାରତୀୟ ବୈଦେଶିକ ସେବା ଅଧିକାରୀ ପ୍ରଶିକ୍ଷାର୍ଥୀ

## ବିଶ୍ୱ ସହିତ ଭାରତର ସମ୍ପର୍କ ସର୍ବଦା ଆମ ଲୋକଙ୍କ ଆକାଂକ୍ଷା ଘନିଷ୍ଠ ହେବା ଉଚିତ: ରାଷ୍ଟ୍ରପତି

ନୂଆଦିଲ୍ଲୀ : ସୁଷମା ସ୍ୱରାଜ ପ୍ରତିଷ୍ଠାନ ଅଫ୍ ଫରେନ୍ ସର୍ଭିସରେ





ଇଣ୍ଡକ୍ସନ୍ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ଭାରତୀୟ ବୈଦେଶିକ ସେବା ଅଧିକାରୀ ପ୍ରଶିକ୍ଷାର୍ଥୀ (୨୦୨୫ ବ୍ୟାଚ୍) ଏବଂ ଭୁଟାନର ଦୁଇଜଣ କୂଟନୀତିଜ୍ଞ ଗୁରୁବାର ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଭାରତୀୟ ବୈଦେଶିକ ସେବା ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ସେମାନେ ବିଦେଶରେ ଭାରତକୁ ପ୍ରତିନିଧିତ୍ୱ କରିବା, ଦେଶର ସ୍ୱାର୍ଥକୁ ଆଗକୁ ବଢ଼ାଇବା ଏବଂ ବିଶ୍ୱର ବିଭିନ୍ନ ଦେଶ ସହିତ ଭାରତର ସମ୍ପର୍କକୁ ମଜବୁତ କରିବାର ସୁଯୋଗ ଏବଂ ଦାୟିତ୍ୱ ପାଇବେ । ରାଷ୍ଟ୍ରପତି କହିଛନ୍ତି ଯେ ଭାରତର ଆର୍ଥିକ ଅଭିବୃଦ୍ଧି ବିଶ୍ୱ ସହିତ ଆମର ସମ୍ପର୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରୁଛି । ସେ କୂଟନୀତିଜ୍ଞମାନଙ୍କୁ ନିବେଶ, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ନବୀକରଣ ଶକ୍ତି ଏବଂ ନବସୃଜନ ଭଳି କ୍ଷେତ୍ରରେ ଉଦୀୟମାନ ସୁଯୋଗ ପ୍ରତି ସତର୍କ ରହିବାକୁ ଏବଂ ଭାରତର ଜାତୀୟ ସ୍ୱାର୍ଥକୁ ଆଗକୁ ବଢାଇବା ପାଇଁ ସହଭାଗୀତା ଗଠନ କରିବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ କୂଟନୀତି ଭାରତର ସମୃଦ୍ଧିରେ ସିଧାସଳଖ ଯୋଗଦାନ ଦେବା ଉଚିତ । ରାଷ୍ଟ୍ରପତି କହିଛନ୍ତି ଯେ ବିଶ୍ୱ ସହିତ ଭାରତର ସମ୍ପର୍କ ସର୍ବଦା ଆମ ଲୋକଙ୍କ ଆକାଂକ୍ଷା ସହିତ ସମନ୍ୱିତ ହେବା ଉଚିତ: ରାଷ୍ଟ୍ରହିତ ସର୍ବୋପରି । ଏହା ଭାରତୀୟ ବୈଦେଶିକ ସେବା ଅଧିକାରୀଙ୍କ ବୃତିଗତ ଜୀବନର ଏକ ସ୍ଥାୟୀ ନୀତି ହେବା ଉଚିତ । ଦେଶ ୨୦୪୭ ସୁଦ୍ଧା ବୀକ୍ଷିତ ଭାରତ ହେବା ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଥିବା ବେଳେ ସେ କୂଟନୀତିର ବିସ୍ତାରିତ ଭୂମିକା ଉପରେ ଆଲୋକପାତ କରିଥିଲେ । ରାଷ୍ଟ୍ରପତି କହିଛନ୍ତି ଯେ କୂଟନୀତିଜ୍ଞମାନେ କେବଳ ସରକାରୀ କାର୍ଯ୍ୟାଳୟ ଏବଂ ସରକାରୀ ବୈଠକ ପର୍ଯ୍ୟନ୍ତ ସୀମିତ ରହିବା ଉଚିତ ନୁହେଁ । ସେମାନେ ବିଶ୍ୱବିଦ୍ୟାଳୟ, ବ୍ୟବସାୟ, ଗବେଷକ, ନବସୃଜନକାରୀ, ସାଂସ୍କୃତିକ ପ୍ରତିଷ୍ଠାନ, ନାଗରିକ ସମାଜ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସହିତ ମଧ୍ୟ ଯୋଗାଯୋଗ କରିବା ଉଚିତ । ସେ ସେମାନଙ୍କୁ ଭାରତୀୟ ପ୍ରବାସୀମାନଙ୍କ ସହିତ ଅର୍ଥପୂର୍ଣ୍ଣ ଭାବରେ ଜଡିତ ହେବାକୁ ପରାମର୍ଶ ଦେଇଥିଲେ, ବିଶେଷକରି ପ୍ରବାସୀ ଯୁବ ସଦସ୍ୟମାନଙ୍କୁ ଭାରତ ସହିତ ଜଡିତ ରହିବାକୁ ଏବଂ ଆମ ବିକାଶ ଯାତ୍ରାରେ ଯୋଗଦାନ ଦେବା ପାଇଁ ସୁଯୋଗ ଚିହ୍ନଟ କରିବାକୁ । ରାଷ୍ଟ୍ରପତି ରେଖାଙ୍କିତ କରିଥିଲେ ଯେ କୂଟନୀତିର ପ୍ରକୃତି ଦ୍ରୁତ ଗତିରେ ପରିବର୍ତନ ହେଉଛି । ଦେଶଗୁଡ଼ିକ ଯୋଗାଯୋଗ, ବ୍ୟବସାୟ ପରିଚାଳନା ଏବଂ ନାଗରିକମାନେ ସାର୍ବଜନୀନ ସେବା ପାଇବାର ଉପାୟକୁ ପରିବର୍ତନ କରିବାରେ ପ୍ରଯୁକ୍ତିର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ବିଦେଶରେ ଭାରତର ମିଶନଗୁଡ଼ିକୁ ଏହି ପରିବର୍ତନ ସହିତ ତାଳ ଦେଇ ଚାଲିବାକୁ ପଡିବ । ପ୍ରଯୁକ୍ତିବିଦ୍ୟାକୁ ଉନ୍ନତ ଶାସନ ଏବଂ ଗଭୀର ସମ୍ପର୍କର ଏକ ଉପକରଣ ଭାବରେ ବ୍ୟବହାର କରାଯିବା ଉଚିତ, କିନ୍ତୁ ଏହା କେବେବି ସହାନୁଭୂତିକୁ ବଦଳାଇବା ଉଚିତ୍ ନୁହେଁ । ଆବଶ୍ୟକତା ସମୟରେ ଭାରତୀୟ ମିଶନଗୁଡ଼ିକ ସର୍ବଦା ଆମ ନାଗରିକମାନଙ୍କ ପାଇଁ ସୁଗମ ଏବଂ ଉପଲବ୍ଧ ରହିବାକୁ ନିର୍ଶ୍ଚିତ କରିବାକୁ ସେ କୂଟନୀତିଜ୍ଞମାନଙ୍କୁ ଆହ୍ୱାନ କରିଥିଲେ ।

### ରାଜ୍ୟସଭା ସାଂସଦ ଘନଶ୍ୟାମ ତିୱାରୀଙ୍କ ପୁସ୍ତକ

## ସଂକଳ୍ପ ସେ ସିଦ୍ଧି କା ମୋଦି ଯୁଗ ଉନ୍ମୋଚନ କଲେ ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଭାରତର ଉପରାଷ୍ଟ୍ରପତି, ଶ୍ରୀ ସି. ପି.




ରାଧାକୃଷ୍ଣନ, ଆଜି ନୂଆଦିଲ୍ଲୀର ଉପରାଷ୍ଟ୍ରପତି ଭବନରେ ରାଜ୍ୟସଭା ସାଂସଦ ଶ୍ରୀ ଘନଶ୍ୟାମ ତିୱାରୀଙ୍କ ଦ୍ୱାରା ଲିଖିତ 'ସଂକଳ୍ପ ସେ ସିଦ୍ଧି କା ମୋଦି ଯୁଗ' ପୁସ୍ତକ ଉନ୍ମୋଚନ କରିଛନ୍ତି । 'ସଂକଳ୍ପ ସେ ସିଦ୍ଧି କା ମୋଦି ଯୁଗ' ଶୀର୍ଷକକୁ ଏକ ଶକ୍ତିଶାଳୀ ଏବଂ ପ୍ରେରଣାଦାୟକ ବାର୍ତା ବହନ କରୁଥିବା ବର୍ଣ୍ଣନା କରି ଶ୍ରୀ ସି. ପି. ରାଧାକୃଷ୍ଣନ କହିଛନ୍ତି ଯେ ସଂକଳ୍ପ କେବଳ ଏକ ଇଛା ନୁହେଁ ବରଂ ସମର୍ପଣ, କଠିନ ପରିଶ୍ରମ ଏବଂ ଶୃଙ୍ଖଳା ଦ୍ୱାରା ସମର୍ଥିତ ଏକ ଦୃଢ଼ ସଂକଳ୍ପ । ସେ କହିଛନ୍ତି ଯେ ଏହି ପୁସ୍ତକଟି ଗତ ବାର ବର୍ଷ ଧରି ଭାରତର ଯାତ୍ରାକୁ ଟ୍ରାକ୍ କରେ, ପ୍ରଶାସନିକ ସଫଳତା ଏବଂ ଏକ ଆଦର୍ଶଗତ ନବଜାଗରଣକୁ ମଧ୍ୟ ଅନ୍ତର୍ଭୁକ୍ତ କରେ, ଏବଂ ଏହି ଯାତ୍ରାକୁ ୨୦୪୭ ମସିହାରେ ବୀକ୍ଷିତ ଭାରତ ଦୃଷ୍ଟିକୋଣ ପରିପ୍ରେକ୍ଷୀରେ ଉପସ୍ଥାପନ କରେ । ଉପରାଷ୍ଟ୍ରପତି ସ୍ୱାମୀ ବିବେକାନନ୍ଦ, ରବିନ୍ଦ୍ରନାଥ ଟାଗୋର, କେଶବ ବଳିରାମ ହେଡଗେୱାର, ବୀର ସାଭରକର ଏବଂ ଅଟଳ ବିହାରୀ ବାଜପେୟୀଙ୍କ ପରି ମହାନ ଜାତୀୟ ଚିନ୍ତକଙ୍କ ଚିନ୍ତାଧାରା ଏବଂ ଆଦର୍ଶ ସହିତ ସମସାମୟିକ ଶାସନକୁ ସଂଯୋଗ କରିବା ପାଇଁ ପୁସ୍ତକର ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଲେଖକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ସେତୁ ପୁରୁଷ' ଭାବରେ ଯଥାର୍ଥ ଭାବରେ ବର୍ଣ୍ଣନା କରିଛନ୍ତି - ସ୍ୱପ୍ନ ଏବଂ ବାସ୍ତବତା ମଧ୍ୟରେ ଏକ ସେତୁ, ଏହି ଚିନ୍ତକମାନଙ୍କ ସଂକଳ୍ପ ଏବଂ ସମସାମୟିକ ଭାରତରେ ଏହାର ସାକାର ମଧ୍ୟରେ ସଂଯୋଗକୁ କଏଦ କରିଥାଏ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରମୁଖ ବିକାଶଗୁଡ଼ିକୁ ମନେ ପକାଇ ଶ୍ରୀ ସି.ପି. ରାଧାକୃଷ୍ଣନ କହିଛନ୍ତି ଯେ ଏହି ପୁସ୍ତକଟି ରାଷ୍ଟ୍ର ପ୍ରଥମ (ରାଷ୍ଟ୍ର ପ୍ରଥମ), ଅଖଣ୍ଡ ମାନବବାଦ ଏବଂ ଅନ୍ତ୍ୟୋଦୟର ଆତ୍ମାକୁ ଏକତ୍ରିତ କରିଥାଏ । ଶ୍ରୀ ସି.ପି. ରାଧାକୃଷ୍ଣନ ଜାତୀୟ ଅଖଣ୍ଡତା, ସାମାଜିକ ଏବଂ ଆର୍ଥିକ ନ୍ୟାୟ, ମହିଳା ନେତୃତ୍ୱାଧୀନ ବିକାଶ, ସ୍ୱାବଲମ୍ବୀ ଭାରତ ଏବଂ ସ୍ୱଚ୍ଛ ଶାସନ ଉପରେ ମଧ୍ୟ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ଏହି କାର୍ଯ୍ୟଟି ସ୍ଥାୟୀ ଜାତୀୟ ଚିନ୍ତାଧାରାକୁ କାର୍ଯ୍ୟରେ ପରିଣତ କରିବାର ପ୍ରୟାସ ଭାବରେ ବିଭିନ୍ନ ଶାସନ ପଦକ୍ଷେପକୁ ଉପସ୍ଥାପନ କରେ ଏବଂ ପାଠକମାନଙ୍କୁ ଭାରତର ଯାତ୍ରା ଉପରେ ପ୍ରତିଫଳିତ କରିବାକୁ ଏବଂ ଆତ୍ମବିଶ୍ୱାସ ଏବଂ ଆଶାବାଦ ସହିତ ଭବିଷ୍ୟତ ଆଡ଼କୁ ଚାହିଁବାକୁ ଉତ୍ସାହିତ କରେ । କେନ୍ଦ୍ର ଆଇନ ଏବଂ ନ୍ୟାୟ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅର୍ଜୁନ ରାମ ମେଘୱାଲ, ରାଜ୍ୟସଭା ସାଂସଦ ଏବଂ ଲେଖକ ଶ୍ରୀ ଘନଶ୍ୟାମ ତିୱାରୀ, ରାଜ୍ୟସଭା ସାଂସଦ ଶ୍ରୀ ଲହର ସିଂହ ସିରୋୟା ଏବଂ ପ୍ରଭାତ ପ୍ରକାଶନର ଶ୍ରୀ ପବନ କୁମାର ଏହି ଅବସରରେ ଉପସ୍ଥିତ ଥିଲେ ।

## ଗୋଲାବନ୍ଧର ବିସ୍ଥାପିତଙ୍କ ପାଇଁ ୭୫.୬୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର(ନି.ପ୍ର): ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଲାବନ୍ଧର ନୋଳିଆ ବିସ୍ଥାପିତ ପରିବାରଙ୍କୁ ମିଳିଛି ବଡ଼ ଆଶ୍ୱାସନା । ଗଞ୍ଜାମଜିଲ୍ଲା ଗୋଲାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଲାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ (ଆରଆଣ୍ଡଆର) ପ୍ୟାକେଜ୍ ଘୋଷଣା କରିଛନ୍ତି ।



ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଂଟନ କରାଯାଇଛି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି,, ଗୋଲାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ । ୧୯୮୪ ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ ଦଶନ୍ଧି ଧରି ବିସ୍ଥାପିତ ଅଣଦେଖା ହୋଇ ରହିଥିଲେ । ବିଗତ ୨୪ ବର୍ଷର ଶାସନ କାଳରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ନେତୃତ୍ୱ ନୋଳିଆ ପରିବାରଙ୍କ ସ୍ୱରକୁ ଚାପି ରଖିଥିବା ବେଳେ, 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଏହି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି । ସୂଚନା ଯୋଗ୍ୟଯେ ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଉଇଞ୍ଜ ମାଧ୍ୟମରେ ପ୍ରଦାନ କରାଯାଉଛି । ଘର ନିର୍ମାଣ ସହାୟତା ବାବଦରେ ୪ କୋଟି ୨୫ ଲକ୍ଷ ୧୦ ହଜାର ଟଙ୍କା ଆବଂଟନ କରାଯାଇଛି, ଯେଉଁଥିରେ ୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ । ଏହା ବ୍ୟତୀତ ନୂଆ କୀର୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି । ସେହିପରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି ।

## ଗୁଜରାଟର ଆମରେଲିରେ ଗୁଜୁରାଟ ଗୌରବ ସରୋବର ଉଦ୍‌ଘାଟନ କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଗୁଜରାଟର ଆମରେଲିରେ 'ଗୁଜୁରାଟ ଗୌରବ ସରୋବର' ଉଦଘାଟନ କରିଛନ୍ତି । ହରିକୃଷ୍ଣ ଗ୍ରୁପ୍ ଏବଂ ଢୋଲକିଆ ଫାଉଣ୍ଡେସନ୍ ଦ୍ୱାରା 'ଗୁଜୁରାଟ ଗୌରବ ସରୋବର' ନିର୍ମାଣ କରାଯାଇଛି । ଏହି ଅବସରରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ଶ୍ରୀ ହର୍ଷ ସାଂଘଭି ଏବଂ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ମତ୍ସ୍ୟ ପୁରାଣ ଅନୁସାରେ, ଯେଉଁମାନେ କୂଅ, ପାହାଚ ଏବଂ ପୋଖରୀ ନିର୍ମାଣ କରନ୍ତି ସେମାନେ ବହୁତ ପୁଣ୍ୟ ଅର୍ଜନ କରନ୍ତି । ସେ କହିଛନ୍ତି ଯେ ଆଜିକାଲି କମ୍ ବର୍ଷାକୁ ଦୃଷ୍ଟିରେ ରଖି, ଯଦି ଆମେ ପ୍ରତ୍ୟେକ ବୁନ୍ଦା ବର୍ଷାକୁ ସଂରକ୍ଷଣ କରିବାକୁ ଚେଷ୍ଟା କରିବା ଏବଂ ଭୂତଳ ଜଳ ସ୍ତର ବୃଦ୍ଧି କରିବାକୁ ଚେଷ୍ଟା କରିବା, ତେବେ ଦେଶ କିମ୍ବା ରାଜ୍ୟରେ କେବେ ମରୁଡ଼ିର ଭୟ ରହିବ ନାହିଁ । ସେ କହିଛନ୍ତି ଯେ ୪୦୦ ନିୟୁତ ଲିଟର କ୍ଷମତା ସହିତ ୨୧ ଏକର ପରିମିତ 'ଗୁଜୁରାଟ ଗୌରବ ସରୋବର' କୃଷି ଏବଂ ପାନୀୟ ଜଳ ଉପଲବ୍ଧତା ସହିତ ଭୂତଳ ଜଳ ସଂରକ୍ଷଣରେ ସାହାଯ୍ୟ କରିବ । ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ କବି କଳାପି ଏକ ସୁନ୍ଦର କବିତା ଲେଖିଥିଲେ ଯେଉଁଥିରେ ଲେଖାଥିଲା, 'ପ୍ରଜାଙ୍କ ଭାଗ୍ୟ ରାଜାଙ୍କ ସ୍ୱଭାବକୁ ପ୍ରତିଫଳିତ କରେ ।' ସେ କହିଥିଲେ ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୦୧ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ହୋଇଥିଲେ, ସେତେବେଳେ ସମଗ୍ର ସୌରାଷ୍ଟ୍ର ଏବଂ ଉତର ଗୁଜରାଟ ଅଂଚଳରେ ଜଳକଷ୍ଟ ଶୀଘ୍ର ଦୂର ହୋଇଥିଲା ଏବଂ ମରୁଡ଼ି ଅତୀତର କଥା ହୋଇଯାଇଥିଲା ।

## ନୂଆଦିଲ୍ଲୀରେ ମେଟ୍ରୋ ଟ୍ରେନ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ, ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀର କେନ୍ଦ୍ରୀୟ ସଚିବାଳୟ ମେଟ୍ରୋ ଷ୍ଟେସନରେ ଏକ ମେଟ୍ରୋ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନଟି ଭାରତର ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ ଅନେକ ବିଷୟବସ୍ତୁ ଉପରେ ଆଲୋକପାତ କରିଥାଏ । ସ୍ୱାଧୀନତା ସଂଗ୍ରାମୀ, କ୍ରାନ୍ତିକାରୀ ଏବଂ ଭାରତର ସ୍ୱାଧୀନତା ଆନ୍ଦୋଳନ ସହିତ ଜଡିତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଜୀବନ, ଚିନ୍ତାଧାରା ଏବଂ ଅବଦାନକୁ ପ୍ରଦର୍ଶିତ କରେ । ଏହି ପଦକ୍ଷେପ ମେଟ୍ରୋ ଯାତ୍ରୀମାନଙ୍କୁ ଦେଶର ସ୍ୱାଧୀନତା ଆନ୍ଦୋଳନ ଏବଂ ଏହାର ଜାତୀୟ ନାୟକମାନେ ଯେଉଁ ବଳିଦାନ ଦେଇଯାଇଛନ୍ତି, ସେ ବିଷୟରେ ଜାଣିବାର ସୁଯୋଗ ପ୍ରଦାନ କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି । ଏହି ପ୍ରୟାସ ଯୁବ ପିଢ଼ିଙ୍କୁ ଭାରତର ଇତିହାସର ଏହି




ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସହିତ ପରିଚିତ କରାଇବାରେ ସାହାଯ୍ୟ କରିବ । ଦେଶ ପାଇଁ ଲଢ଼ିଥିବା ଲୋକଙ୍କ ସାହସ ଏବଂ ଦେଶପ୍ରେମ ସେମାନଙ୍କୁ ଅନୁପ୍ରାଣିତ କରିବ । ଏହି ଅବସରରେ, ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ଚୌହାନ ମେଟ୍ରୋ ଟ୍ରେନ୍ରେ 'ଶହୀଦଙ୍କ ଶ୍ମଶାନରେ ପ୍ରତିବର୍ଷ ମେଳା ଲାଗିବ' ଭଳି ଦେଶପ୍ରେମୀ ପଦାବଳୀ ଲେଖିଥିଲେ । ଶ୍ରୀ ଚୌହାନ କହିଛନ୍ତି ଯେ ଭାରତର ଶହୀଦ ଓ ବିପ୍ଳବୀମାନଙ୍କ ବଳିଦାନ ଏବଂ ଅବଦାନ ଆଗାମୀ ପିଢ଼ିକୁ ନିରନ୍ତର ପ୍ରେରଣା ଯୋଗାଇବ । ଭାରତର ସ୍ୱାଧୀନତା ସଂଗ୍ରାମର ଏହି ପ୍ରେରଣାଦାୟୀ ଗାଥାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ ସେ ଏହି ପଦକ୍ଷେପର ପ୍ରଶଂସା କରିବା ସହ 'ପ୍ରଭାତ ପ୍ରକାଶନ', ଦିଲ୍ଲୀ ମେଟ୍ରୋର ପରିଚାଳନା ନିର୍ଦ୍ଦେଶକ ଏବଂ ସମଗ୍ର ମେଟ୍ରୋ ଟିମ୍‌କୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ସମୟରେ, ଶ୍ରୀ ଚୌହାନଙ୍କୁ ପ୍ରଭାତ ପ୍ରକାଶନ ଦ୍ୱାରା ପ୍ରକାଶିତ ପୁସ୍ତକ, ଯେଉଁଥିରେ ଅପନାପନ ମଧ୍ୟ ଅନ୍ତର୍ଭୁକ୍ତ ପ୍ରଦାନ କରାଯାଇଥିଲା । ଦିଲ୍ଲୀ ମେଟ୍ରୋର ଯାତ୍ରା ଏବଂ କାହାଣୀକୁ ଆଲୋକପାତ କରୁଥିବା ପୁସ୍ତକଗୁଡ଼ିକ ମଧ୍ୟ ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା ।

## ଏଫ୍‌ଆଇଏଚ ହକି ବିଶ୍ୱକପ : ୭ମ-୮ମ ସ୍ଥାନ ପାଇଁ ବେଲଜିୟମକୁ ଭେଟିବ ଭାରତ

ୱାଭରେ : ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ୨୦୨୬ରେ ଭାରତୀୟ ଦଳ ଶୁକ୍ରବାର ନିଜର ଶେଷ ମ୍ୟାଚ୍‌ରେ ଆୟୋଜକ ବେଲଜିୟମ୍‌କୁ ଭେଟିବ । ସେମିଫାଇନାଲ୍ ଦୌଡ଼ରୁ ବାଦ୍ ପଡ଼ିବା ପରେ ଉଭୟ ଦଳ ଏହି ମ୍ୟାଚ୍ ଜିତି ୭ମ ସ୍ଥାନରେ ରହି ନିଜର ବିଶ୍ୱକପ୍ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଭାରତ




ତା'ର ଦ୍ୱିତୀୟ ପର୍ଯ୍ୟାୟରେ ନେଦରଲ୍ୟାଣ୍ଡସ (୧-୩) ଏବଂ ଆର୍ଜେଂଟିନା (୩-୫) ନିକଟରୁ ପରାଜିତ ହୋଇ ସେମିଫାଇନାଲ୍ ସୁଯୋଗ ହରାଇଥିଲା । ଅନ୍ୟପଟେ ବେଲଜିୟମ୍ ଅଷ୍ଟ୍ରେଲିଆ ଓ ସ୍ପେନ୍ ବିପକ୍ଷରେ ୧-୧ ଡ୍ର ରଖି ନିଜ ଘରୋଇ ମାଟିରେ ସେମିଫାଇନାଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲା । ବିଶ୍ୱକପ୍ ପରେ ପରବର୍ତୀ ମାସରେ ଜାପାନରେ ଏସୀୟ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଥିବାରୁ, ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବିଜୟ ସହ ନିଜର ଆତ୍ମବିଶ୍ୱାସ ଫେରିପାଇବାକୁ ଚାହିଁବ । ଦଳ ଆକ୍ରମଣାତ୍ମକ ମନୋଭାବ ଏବଂ ସୁଯୋଗ ସୃଷ୍ଟି କରିବାର କ୍ଷମତା ଦେଖାଇଥିଲେ ବି, ବିଜୟ ସହ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ବେଲଜିୟମ୍ ବିପକ୍ଷରେ ଚାରୋଟିଯାକ କ୍ୱାଟରରେ ସମାନ ଧରଣର ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ । ଭାରତ ପାଇଁ ଡିଫେନ୍ସ, ମିଡଫିଲ୍ଡ ଏବଂ ଆଟାକ୍ ମଧ୍ୟରେ ସଠିକ୍ ସମନ୍ୱୟ ରଖିବା ମୁଖ୍ୟ ହେବ । ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍ କହିଛନ୍ତି, ଏହି ଟୁର୍ଣ୍ଣାମେଂଟକୁ ଏକ ସ୍ମରଣୀୟ ବିଜୟ ସହ ଶେଷ କରିବାକୁ ଆମ ପାଖରେ ଏକ ବଡ଼ ସୁଯୋଗ ରହିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**